CMYK

- Vol.- 45, Issue No. 168
- Tuesday, 17 September 2024
- ମଙ୍ଗଳବାର, ୧୭ ସେପ୍ଟେମ୍ବର ୨୦୨୪
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI



ଫାଇନାଲରେ ଅପରାଜେୟ ଭାରତୀୟ ହକି ଟିମ୍




CMYK

# ୮୦୦୦ ବର୍ଷ ତଳର ପୁରୁଣା ମନ୍ଦିର



ଇସଲାମିକ ଦେଶ ସାଉଦି ଆରବରେ ରହିଛି ପ୍ରାୟ ୮୦୦୦ ବର୍ଷ ତଳର ପୁରୁଣା ମନ୍ଦିର। ଯେଉଁଠି ପୂଜା ପାଉଥିଲେ ହିନ୍ଦୁ ଦେବାଦେବୀ। ୨୦୨୨ରେ ରାଜଧାନୀ ରିୟାଦର ଦକ୍ଷିଣ-ପଶ୍ଚିମ ଦିଗରେ ୮ ହଜାର ବର୍ଷ ପୁରୁଣା ପ୍ରତ୍ନତାତ୍ତ୍ୱିକ ସହର ଆଲ ଫାର ସନ୍ଧାନ ମଧ୍ୟ ମିଳିଥିଲା। ଏହି ସ୍ଥାନରେ ସାଉଦି ପ୍ରତ୍ନତତ୍ତ୍ୱ ବିଭାଗ ମଧ୍ୟ ଏକ ମନ୍ଦିରର ଅବଶେଷ ପାଇଛନ୍ତି। ବର୍ତ୍ତମାନ ଏହି ପ୍ରାଚୀନ ସ୍ଥାନରେ ମନ୍ଦିରର ଆବିଷ୍କାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଏହି ମନ୍ଦିର ପଥରରେ ନିର୍ମିତ। ଯଜ୍ଞ ବେଦୀର କିଛି ଅବଶେଷ ମଧ୍ୟ ସେଠାରେ ଦେଖିବାକୁ ମିଳିଛି। ଏହା ସ୍ପଷ୍ଟ ଭାବରେ ସୂଚିତ କରେ ଯେ ଅଲ ଫା ଅଞ୍ଚଳର ଲୋକମାନେ ପୂଜାପାଠ ଓ ରୀତିନୀତି କରୁଥିଲେ। ପ୍ରତ୍ନତତ୍ତ୍ୱ ବିଭାଗ କହିଛି ଯେ ଏହି ସ୍ଥାନଟି ନୂତନ ପ୍ରସ୍ତର ଯୁଗ ସମୟର ଅଟେ। ଏଠାରେ ଏକ ପଥର ବେଦୀ ଏବଂ ବିଭିନ୍ନ ସମୟର ୨୮୦୭ କବର ମଧ୍ୟ ମିଳିଛି। ଏହି କବରଗୁଡିକ ପୃଥକ୍ ଭାବେ ବିଭକ୍ତ କରାଯାଇଛି। ଟିମ୍ କହିଛି ଯେ ପଥର କାଟି ଏହି ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିର ଅଲ ଫା ଅଞ୍ଚଳ ନିକଟ ତୁୱାଇକ୍ ମାଉଣ୍ଟେନ୍ ପାର୍ଶ୍ୱରେ ନିର୍ମିତ ହୋଇଥିଲା। ଏହା ଖାସେମ କରିଆ ନାମରେ ମଧ୍ୟ ଜଣାଶୁଣା। ଲୋକମାନେ ଏଠାରେ ପୂଜା କରୁଥିଲେ। ଏହି ପ୍ରାଚୀନ ସ୍ଥଳ ଆବିଷ୍କାର କରିବା ପାଇଁ ସାଉଦି ବିଶେଷଜ୍ଞମାନେ ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର କରିଥିଲେ। ସେମାନେ ଡ୍ରୋନ୍, ରିମୋଟ ସେନ୍ସିଂ, ଗ୍ରାଉଣ୍ଡ-ବେସଡ୍ ରାଡାର, ଲେଜର ସ୍କାନିଂ ଏବଂ ଜିଓଫିଜିକାଲ୍ ସର୍ଭେ ମଧ୍ୟ କରିଥିଲେ। କୁହାଯାଏ ଯେ ଅଲ ଫା'ର ଲୋକମାନେ ଖାଲ୍ ଦେବତାଙ୍କୁ ପୂଜା କରୁଥିଲେ। ଏଠାରେ ଥିବା କୋଠାଗୁଡ଼ିକ ଏପରି ଭାବରେ ନିର୍ମାଣ କରାଯାଇଥିଲା ଯେ ପ୍ରବଳ ଉତ୍ତାପ ଏବଂ ମରୁଭୂମି ପରିବେଶରେ ମଧ୍ୟ ସେମାନେ ସହଜରେ ବସବାସ କରିପାରିବେ। ଏଠାରେ କିଛି ପୋଖରୀ ଏବଂ ଶହ ଶହ ଗର୍ତ୍ତ ମଧ୍ୟ ତିଆରି କରାଯାଇଛି। ଏହି ସନ୍ଧାନରୁ ଜଣାପଡିଥିଲା ଯେ ନବକଳେବର ସମୟରେ ସାଉଦି ଆରବରେ ଏକ ମନ୍ଦିର ସଂସ୍କୃତି ଥିଲା ଏବଂ ଏଠାରେ ପ୍ରତିମା ପୂଜା ମଧ୍ୟ ପାଉଥିଲା। ବର୍ତ୍ତମାନ ସାଉଦି ଆରବ ଏକ ଇସଲାମ ଦେଶ।ବର୍ତ୍ତମାନ ଏହି ରାଷ୍ଟ୍ରରେ ଗୋଟିଏ ବି ମନ୍ଦିର ନାହିଁ। ମନ୍ଦିର ନିର୍ମାଣ ଉପରେ ମଧ୍ୟ ଏକ ନିଷେଧାଦେଶ ଅଛି। ସାଉଦି ଆରବରେ ରହୁଥିବା ହିନ୍ଦୁମାନେ କେବଳ ନିଜ ଘର ଭିତରେ ପୂଜା କରିପାରିବେ। କିନ୍ତୁ ୟୁଏଇର ଆବୁଧାବିରେ ଏକ ବିଶାଳ ହିନ୍ଦୁ ମନ୍ଦିର ନିର୍ମାଣ କରାଯାଇଛି ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଥିଲେ। ମନ୍ଦିର ପାଇଁ ଜମି ମଧ୍ୟ ସେଠାରେ ସରକାର ପ୍ରଦାନ କରିଥିଲେ।

# ପିତୃପକ୍ଷ



ହିନ୍ଦୁ ଧର୍ମରେ ପିତୃ ପକ୍ଷର ବଡ଼ ମହତ୍ତ୍ୱ ରହିଛି । ଏହାକୁ ଶ୍ରାଦ୍ଧ ପକ୍ଷ ବୋଲି ମଧ୍ୟ କୁହାଯାଏ । ପିତୃ ପକ୍ଷରେ ଲୋକେ ନିଜର ପୂର୍ବଜଙ୍କ ମୃତ୍ୟୁ ତିଥିରେ ତାଙ୍କୁ ତର୍ପଣ କରିଥାନ୍ତି । ଧାର୍ମିକ ମାନ୍ୟତା ଅନୁସାରେ ପିତୃ ପକ୍ଷରେ ତର୍ପଣ ଓ ପିଣ୍ଡଦାନ ଆଦି କରିବା ଦ୍ୱାରା ପିତୃ ଦେବତା ପ୍ରସନ୍ନ ହୋଇଥାନ୍ତି । ହିନ୍ଦୁ ଧାର୍ମିକ ମାନ୍ୟତା ଅନୁସାରେ ପିତୃ ପକ୍ଷରେ ଆମେ ଆମର ପିତୃପୁରୁଷଙ୍କ ଆତ୍ମାର ଶାନ୍ତି ପାଇଁ ତର୍ପଣ ଆଦି କରିଥାନ୍ତି । ଏହା ଦ୍ୱାରା ପିତୃପୁରୁଷ ପ୍ରସନ୍ନ ହୋଇ ଆଶୀର୍ବାଦ ଦେଇଥାନ୍ତି । ପିତୃପକ୍ଷରେ ପିତୃପୁରୁଷଙ୍କ ଶ୍ରାଦ୍ଧ ଏବଂ ପିଣ୍ଡଦାନ ଦ୍ୱାରା ଆମ ପୂର୍ବଜମାନଙ୍କ ଆତ୍ମାକୁ ଶାନ୍ତି ମିଳିଥାଏ। ତେବେ ଚଳିତ ବର୍ଷର ଏହି ପରମ୍ପରା ଆଗାମୀ ପୂର୍ଣ୍ଣିମାଠାରୁ ଆରମ୍ଭ ହେଉଛି । ପୂର୍ଣ୍ଣିମାର ଶ୍ରାଦ୍ଧ ଋଷିଙ୍କ ନାମରେ ଅର୍ପଣ କରାଯିବ । ତେବେ ଏହି ପିତୃ ପକ୍ଷ କେତେ ଦିନ ପର୍ଯ୍ୟନ୍ତ ପାଳନ କରାଯିବ ଏବଂ କେମିତି ତର୍ପଣ କରିବେ ଏଥର ଜାଣିବା । ଏହି ବର୍ଷ ପିତୃ ପକ୍ଷ ଆସନ୍ତା ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ପ୍ରତିଦିନ ପିତୃ ପୁରୁଷଙ୍କ ଆତ୍ମାର ଶାନ୍ତି ପାଇଁ ନୀତି ନିୟମର ସହ ତର୍ପଣ କରନ୍ତୁ । ପିତୃ ପକ୍ଷକୁ ସହଜରେ ଘରେ କିଛି ଲୋକ କରିଥାନ୍ତି । ଏହାର ବିଧି ଏପରି:ଏଥିପାଇଁ ପ୍ରତିଦିନ ସକାଳେ ସ୍ନାନ କରନ୍ତୁ ଏବଂ ଏକ ତମ୍ବା ପାତ୍ରରେ ପାଣି ନିଅନ୍ତୁ । କିଛି କଳା ଜୀରାକୁ ପାଣିରେ ମିଶାଇ ସୂର୍ଯ୍ୟଙ୍କୁ ଅର୍ପଣ କରନ୍ତୁ । ପରେ ଏହାକୁ ପୂର୍ବ ପୁରୁଷମାନଙ୍କୁ ଅର୍ପଣ କରନ୍ତୁ । ପୂର୍ବ ଆଡକୁ ମୁହଁ କରି ପିତୃପୁରୁଷଙ୍କୁ ନୈବେଦ୍ୟ ଅର୍ପଣ କରନ୍ତୁ । ପରେ ମନ୍ତ୍ର ଜପ କରନ୍ତୁ ଏବଂ ପୂର୍ବ ପୁରୁଷଙ୍କ ଆତ୍ମାର ମୋକ୍ଷ ପାଇଁ ପ୍ରାର୍ଥନା କରନ୍ତୁ । ଶେଷରେ ପୂର୍ବପୁରୁଷଙ୍କ ପାଇଁ ଖାଦ୍ୟ ଅର୍ପଣ କରନ୍ତୁ । ଶେଷ ଦିନରେ ବ୍ରାହ୍ମଣଙ୍କ ପାଇଁ ଭୋଜି ଆୟୋଜନ କରନ୍ତୁ । ଗରିବ ଏବଂ ଅସହାୟ ଲୋକଙ୍କୁ ଦାନ କରନ୍ତୁ । ଏଭଳି କରିବା ଦ୍ୱାରା ପିତୃପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତି ହେବ ।

## ରହସ୍ୟମୟ

# ବରମୁଡ଼ା ଟ୍ରାଏଙ୍ଗଲ



ଅନେକ ସମୟରେ କିଛି ଘଟଣା ବା ଦୁର୍ଘଟଣା ଘଟିଥାଏ , ଯାହାକି ଲୋକଙ୍କ ମନରେ ଖୁବ୍ ଭୟ ଜାତ କରାଏ। ଏହି ଭୟରୁ କିଛି ଅନ୍ଧବିଶ୍ୱାସ ବି ଜନ୍ମ ହୁଏ ଏବଂ ଅନେକ କିମ୍ବଦନ୍ତୀ କଥା ସବୁ ସୃଷ୍ଟି ହୁଏ। ଏମିତି କିଛି କିମ୍ବଦନ୍ତୀର କଥା ବରମୁଡା ଟ୍ରାଏଙ୍ଗଲକୁ ନେଇ ରହିଛି। କୁହାଯାଏ ବଡ଼ ବଡ଼ ଜାହାଜ ଅନେକ ସମୟରେ ଏଠାରେ ବୁଡ଼ି ଯାନ୍ତି ଏବଂ ଆଉ ମଧ୍ୟ ଏଠାରେ ବିମାନ ବି କ୍ରାସ ହୁଏ। ତାପରେ ସେଗୁଡ଼ିକ କୁଆଡ଼େ ନିଖୋଜ ହୋଇ ଯାଏ। ତାର ସନ୍ଧାନ ମିଳେନି। ବର୍ଷ ବର୍ଷ ଏହାକୁ ନେଇ ରିସର୍ଚ୍ଚ ମଧ୍ୟ ଚାଲିଛି । ଏଠାରେ ଏମିତି କାହିଁକି ହେଉଛି। ଏହି ବରମୁଡା ଟ୍ରାଏଙ୍ଗଲ ସ୍ଥାନଟି ଉତ୍ତର ଆଟଲାଣ୍ଟିକ ମହାସାଗରର ଏକ ଅଞ୍ଚଳ। ଏହାର କୌଣସି ସ୍ପଷ୍ଟ ସୀମାଙ୍କନ ନାହିଁ , କିନ୍ତୁ ଏହା ବିଶ୍ୱାସ କରାଯାଏ ଯେ, ଏହାର କ୍ଷେତ୍ର ଆମେରିକାର ଦକ୍ଷିଣ ପୂର୍ବ ତଟରୁ ଆରମ୍ଭ ହୋଇ କ୍ୟୁବା , ବରମୁଡା , ହିସ୍ପେନିଓଲା , ଜମୈକା ଓ ପୁଏର୍ତୋ ରିକୋ ଯାଏ ଲମ୍ବିଛି। ବ୍ରିଟାନିକାର ଏକ ରିପୋର୍ଟ ଅନୁସାରେ, ଏହାର କ୍ଷେତ୍ରଫଳ ୧୩ ଲକ୍ଷ କିଲୋମିଟରରୁ ନେଇ ୩୯ ଲକ୍ଷ କିଲୋମିଟର ଯାଏ ରହିଛି। ଏହାର ନାଁ ବରମୁଡା ଟ୍ରାଏଙ୍ଗଲ ହେବା ପଛରେ ଏକ କାରଣ ଏହା ଯେ, ଏହି ତ୍ରିକୋଣୀୟ ଆକାର ଯୋଗୁଁ ହୋଇଛି। ଏହାର ବର୍ଣ୍ଣନା ବିଶ୍ୱର କୌଣସି ରାଜନୀତିକ କି ଭୌଗୋଳିକ ନକ୍ସାରେ ନାହିଁ , କିନ୍ତୁ ଅନେକ କାହାଣୀରେ ଏହା ବିଷୟରେ କୁହାଯାଏ । ବରମୁଡା ଟ୍ରାଏଙ୍ଗଲ ବିଷୟରେ ୧୯ ତମ ଶତାବ୍ଦୀର ମଧ୍ୟଭାଗରୁ ହିଁ ଆଲୋଚନା ହୋଇ ଆସୁଛି,କିନ୍ତୁ ପ୍ରଥମ ଥର ଏହାର ନାମକରଣ ୧୯୬୪ରେ ହୋଇଥିଲା। ଏହି ସମୟରେ ଏହି ନାମକୁ ଏକ ମାଗାଜିନରେ ପ୍ରକାଶ କରାଯାଇ ଥିଲା। କୁହାଯାଏ ଯେ, ଏଠାରେ ଶହ ଶହ ଜାହାଜ ନିଖୋଜ ହୋଇ ସାରିଛି। ଅନେକ ଜାହାଜର ଭଗ୍ନାବଶେଷ ବି ଉଦ୍ଧାର ହୋଇ ପାରିନାହିଁ ଏବଂ ଅନୁମାନ ହିଁ କରାଯାଉଛି ତା ସହ କଣ ଦୁର୍ଘଟଣା ହୋଇଥିବ। ଏହି କଥା ଉପରେ ମଧ୍ୟ ଏକ୍ସପର୍ଟ ରିସର୍ଚ୍ଚ କରୁଛନ୍ତି କି, ଏଠାରେ ବୁଡ଼ି ଯାଉଥିବା ଜାହାଜ ଗୁଡ଼ିକ ସହ କୌଣସି ଦୁର୍ଘଟଣା ହୋଇଥିଲା ନା କୌଣସି ରହସ୍ୟପୂର୍ଣ୍ଣ ଘଟଣା ଘଟିଛି। ଯେଉଁଥି ପାଇଁ ଏମିତି ଘଟଣା ସବୁ ହେଉଛି। ଏହି ଅଞ୍ଚଳରେ ଦୁଇଟି ଘଟଣା ଆମେରିକୀୟ ସେନାର ବିମାନ ସହ ମଧ୍ୟ ସଂପୃକ୍ତ। ମାର୍ଚ୍ଚ ୧୯୧୮ରେ ଏଠାରେ ଆମେରିକାର ଏକ ଜାହାଜ ବୁଡ଼ି ଯାଇଥିଲା। ଏହି ଜାହାଜ ବ୍ରାଜିଲରୁ ଆସୁଥିଲା। ଏହାର ନା ଭଗ୍ନାବଶେଷ ଉଦ୍ଧାର ହୋଇଛି, ନା ଏହା ବିଷୟରେ ଆଜି ସୁଦ୍ଧା କୌଣସି ସୂଚନା ମିଳିଛି , କେବଳ ଏତିକି ନୁହେଁ ,୨୭ ବର୍ଷ ପରେ ଏଠାରେ ଫ୍ଲାଇଟ୍ ୧୯ ବିମାନ ନିଖୋଜ ହୋଇ ଯାଇଥିଲା। ଆକାଶରେ ଉଡୁଥିବା ବିମାନଟି ଏହି ଅଞ୍ଚଳକୁ ପ୍ରବେଶ କରିବା କ୍ଷଣି ଏହାର ସଂପର୍କ କଟି ଗଲା । ଆଜି ପର୍ଯ୍ୟନ୍ତ ଏହାର କୌଣସି ଖବର ମିଳି ପାରିନାହିଁ।

# ଉପବାସର ବିଶେଷତ୍ୱ

ପ୍ରକୃତିକୃତ ଦୁର୍ଲଭ ଉପଚାର ମଧ୍ୟରୁ ଆକସ୍ମିକ ଆଘାତ ବା ଧକ୍କା ହେଉଛି ଗୋଟିଏ । ଜୀବନ ତମାମ ପ୍ରକୃତି ମାନବ ସମାଜକୁ ଅନେକ ଆକସ୍ମିକ ଆଘାତ ଦିଏ। ତନ୍ମଧ୍ୟରୁ ଖାଦ୍ୟାଭାବ ଜନିତ କ୍ଷୁଧା ଯନ୍ତ୍ରଣାର ଆଘାତ ସର୍ବାଧିକ ଅସହନୀୟ । ସେହି ଜ୍ୱାଳା ମଣିଷ ସହ୍ୟ କରିପାରେ ନାହିଁ ବୋଲି ତ ଅସାଧୁ ଉପାୟଟିଏ ବାଛିନିଏ । ଚୋରି, ଡକାୟତି, ଛିନତାଇ, ହତ୍ୟା, ଅପହରଣ ଆହୁରି କେତେ କ'ଣ କରିବାରେ ତାର ଦ୍ୱିଧା ନଥାଏ । କ୍ଷୁଧା ଓ ତୃଷ୍ଣା ହେଉଛି ସେଇଭଳି ଦୁଇଟି ଆକସ୍ମିକ ଆଘାତ; ଯାହା ଚିକିତ୍ସା ଉପଚାରର ଏକ ଅଂଶବିଶେଷ । ଏହା ଦ୍ୱାରା ମଣିଷ ନିଜ ସାମର୍ଥ୍ୟକୁ ହୃଦୟଙ୍ଗମ କରିପାରେ । ଉପବାସ ମଧ୍ୟ ସେହିପରି ଏକ ଚିକିତ୍ସା ବା ଉପଚାର । ପ୍ରାୟ ସବୁ ଧର୍ମରେ ଉପବାସକୁ ଗ୍ରହଣ କରାଯାଇଛି । ମାନବ ଶରୀରକୁ ମଝି ମଝିରେ କ୍ରିୟାଶୀଳ ଅବସ୍ଥାକୁ ଆଣିବା ପାଇଁ କ୍ଷୁଧା ବା ଭୋକ ନାମକ ଆଘାତ ଦେବା ପ୍ରକୃତିର ଏକ ପ୍ରକ୍ରିୟା । ଭୋକ ମଣିଷକୁ ମନେ ପକେଇଦିଏ ଯେ, ଖାଦ୍ୟ ହେଉଛି ଜୀବନର ଏକ ମୂଲ୍ୟବାନ ଅଂଶ । ତେଣୁ ଖାଦ୍ୟର ସଂରକ୍ଷଣ ସହ ଖାଦ୍ୟ ଅପଚୟ ଉପରେ ରୋକ୍ ଲଗେଇବା ଆବଶ୍ୟକ । ଖାଦ୍ୟର ମହତ୍ତ୍ୱ ବୁଝିବା ପାଇଁ ଉପବାସକୁ ମଣିଷ ଜୀବନରେ ସ୍ଥାନ ଦିଆଯାଇଛି । ପ୍ରକୃତିରେ ପ୍ରଚୁର ପରିମାଣରେ ଖାଦ୍ୟ ଓ ଜଳ ମହଜୁଦ ରହିଛି । ଏହି ପ୍ରାଚୁର୍ଯ୍ୟକୁ ଅନୁଦାନ ମନେକରି ଅନେକେ ଖାଦ୍ୟର ସଂରକ୍ଷଣ ଓ ବ୍ୟବହାର ପ୍ରତି ସଚେତନ ହୁଅନ୍ତି ନାହିଁ । ପରିଣାମ ସ୍ୱରୂପ, ବିଶ୍ୱରେ ବହୁ ମାତ୍ରାରେ ଖାଦ୍ୟ ଓ ପାନୀୟର ଅପଚୟ ହେଉଛି । ଆଉ ମଧ୍ୟ ଉପବାସ କରିବା ଦ୍ୱାରା ମାନବର ଧୈର୍ଯ୍ୟ, ସହନଶକ୍ତି ଏବଂ ନିଜ ଉପରେ ନିୟନ୍ତ୍ରଣର କ୍ଷମତା ବୃଦ୍ଧି ପାଏ । ନିଜ ଉପରେ ନିୟନ୍ତ୍ରଣର ଏହି ଜୀବନୀ ଶକ୍ତିକୁ ଜୀବନର ସବୁ ସଫଳତାର ମୂଳମନ୍ତ୍ର କହିଲେ ଭୁଲ୍ ହେବନାହିଁ । ତେଣୁ ସପ୍ତାହରେ ଥରେ ବା ପନ୍ଦର ଦିନରେ ଥରେ ଉପବାସ କରିବାକୁ କୁହାଯାଇଛି । ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ସୁସ୍ଥ ଏବଂ ସାବଲୀଳ ଜୀବନ ବଞ୍ଚିବା ପାଇଁ ଉପବାସ କରିବା ନିହାତି ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।



# ମୟୂରପୁଚ୍ଛ

ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରିୟ ମୟୂରପୁଚ୍ଛକୁ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଦକ୍ଷିଣ-ପୂର୍ବ ଦିଗରେ ମୟୂରପୁଚ୍ଛ ରଖିଲେ ଘରେ ସକାରାତ୍ମକ ଊର୍ଜା ଉତ୍ପନ୍ନ ହୋଇଥାଏ। ଆଉ ଯଦି ଘରେ ରାହୁ ଦୋଷ ଥାଏ, ତେବେ ୮ଟି ମୟୂରପୁଚ୍ଛକୁ ଘରର ଉତ୍ତର-ପୂର୍ବ ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭଫଳ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଧ୍ୟାନଦେବେ ଯିବା ଆସିବା ସମୟରେ ଯେମିତି ସମସ୍ତଙ୍କର ଦୃଷ୍ଟି ଏହି କବାଟ ଉପରେ ପଡୁଥିବ। ଘରେ ଟଙ୍କା ପଇସାର ଅଭାବ ଦେଖାଯାଉଥିଲେ, ଶୁଭଦିନ ଦେଖି ଘରକୁ ମୟୂରପୁଚ୍ଛଟିଏ କିଣିଆଣି ଠାକୁର ଘରେ ରଖିଦେବେ। ଆଉ କିଣିଲାବେଳେ ପ୍ରଭୁ ଶ୍ରୀ କୃଷ୍ଣଙ୍କର ନାମ ନେଇ ମୟୂରପୁଚ୍ଛ କିଣିଲେ ଘରେ ଧନର ଅଭାବ ରହେନାହିଁ ବୋଲି ବିଶ୍ୱାସ ରହିଛି। ଉତ୍ତର ଦିଗର ସ୍ୱାମୀ ହେଲେ କୁବେର। ତେଣୁ ଏହି ଦିଗରେ ଟ୍ରେଜେରି ହେଉ ଅବା ଆଲମିରା ରଖିବା ଶୁଭ। କିନ୍ତୁ ଯଦି ଘରର ଦକ୍ଷିଣ ଦିଗରେ ଏହା ରଖିଦେଇଛନ୍ତି, ତା'ହେଲେ ଆଲମିରା ହେଉ ଅବା ଟ୍ରେଜେରି ଭିତରେ ମୟୂରପୁଚ୍ଛକୁ ସିଧା ଭାବେ ଠିଆ କରି ରଖିଦେଲେ; ଘରେ ଧନର ଅଭାବ ଦେଖାଯାଇ ନଥାଏ ବୋଲି ବିଶ୍ୱାସ କରାଯାଏ। ପିଲାଙ୍କ ଷ୍ଟଡି ରୁମ୍ ହେଉ ଅଥବା ସେମାନଙ୍କ ପଢା ଟେବୁଲ୍ ଉପରେ ମୟୂରପୁଚ୍ଛ ରଖିଲେ ସେମାନଙ୍କର ଏକାଗ୍ରତା ବୃଦ୍ଧି ପାଇଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି।

# ଚଳିତ ବର୍ଷ ନବରାତ୍ରିରେ କେଉଁ ବାହନରେ ଆସିବେ ମା' ଦୁର୍ଗା





ହିନ୍ଦୁ ଧର୍ମରେ ଶକ୍ତି ପୂଜାକୁ ଅଧିକ ଗୁରୁତ୍ୱ ଦିଆଯାଏ । କଥାରେ ଅଛି ବାର ମାସରେ ତେର ପର୍ବ । ସେଥି ମଧ୍ୟରୁ ଦୁର୍ଗା ପୂଜା ହେଉଛି ଅନ୍ୟତମ । ଭକ୍ତମାନେ ଦୁର୍ଗା ପୂଜାରେ ମା'ଙ୍କର ୯ଟି ରୂପକୁ ୯ଦିନ ଧରି ପୂଜା କରଥାନ୍ତି । ମା' ଙ୍କର ସେହି ରୂପଗୁଡ଼ିକ ହେଉଛି ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚିତ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି , ମହାଗୌରୀ ଏବଂ ସିଦ୍ଧିଦାତ୍ରୀ । ଏହି କାରଣରୁ ଏହାକୁ ନବରାତ୍ରୀ ବୋଲି କୁହାଯାଏ । ପ୍ରତ୍ୟେକ ବର୍ଷ ମା' ଭିନ୍ନ ଭିନ୍ନ ବାହନରେ ଆସିଥାନ୍ତି ଏବଂ ଏହାର ପ୍ରଭାବ ଲୋକଙ୍କ ଉପରେ ପଡ଼େ ବୋଲି ବିଶ୍ୱାସ ରହିଛି । ଚଳିତ ବର୍ଷରେ ମା' କେଉଁ ବାହନରେ ଆସିବାକୁ ଯାଉଛନ୍ତି ଏବଂ ଏହାର ପ୍ରଭାବ ଲୋକଙ୍କ ଉପରେ କ'ଣ ରହିବ । ୨୦୨୪ ନବରାତ୍ରି ପୂଜା ୩ ଅକ୍ଟୋବରରୁ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ଦିନ ଘଟ ସ୍ଥାପନା କରିବା ସହିତ ମା' ଶୈଳପୁତ୍ରୀଙ୍କ ପୂଜା କରାଯିବ । ୧୧ ଅକ୍ଟୋବରରେ ନବରାତ୍ରି ଶେଷ ହେବ ଓ ୧୨ ଅକ୍ଟୋବରରେ ବିଜୟା ଦଶମୀ ପାଳନ କରାଯିବ । ଏହା ପରେ ମା'ଙ୍କର ମେଲାଣି ହେବ ।

**କେଉଁ ବାହନରେ ଆସିବେ ମା' ?**

ମା'ଙ୍କ ବାହନ ବାର ଅନୁସାରେ ସ୍ଥିର କାରାଯାଏ । ଯଦି ନବରାତ୍ରି ପୂଜା ରବିବାର ଓ ସୋମବାରରୁ ଆରମ୍ଭ ହେଉଛି ତେବେ ଦେବୀ ହାତୀରେ ଆସିବେ । ମଙ୍ଗଳ ଏବଂ ଶନିବାର ଦିନ ଯଦି ନବରାତ୍ରି ଆରମ୍ଭ ହେଉଛି ମା' ଘୋଡାରେ ଆସିବେ । ସେହିପରି ଯଦି ନବରାତ୍ରି ଗୁରୁବାର କିମ୍ବା ଶୁକ୍ରବାରରେ ପଡିଥାଏ ତେବେ ମା' ସବାରିରେ ଆସିଥାନ୍ତି । ଯେହେତୁ ଚଳିତ ବର୍ଷ ନବରାତ୍ରି ଗୁରୁବାର ଠାରୁ ଆରମ୍ଭ ହେଉଛି, ତେଣୁ ମା' ସବାରୀରେ ଆସିବେ ।

**ପ୍ରଭାବ କ'ଣ ରହିବ:** ଶାସ୍ତ୍ରବିତ୍‌ଙ୍କ ମତ ଅନୁଯାୟୀ, ଯଦି ମା' ଦୁର୍ଗା ସବାରୀରେ ଆସନ୍ତି, ଏହା ଏକ ଶୁଭ ସଙ୍କେତ ନୁହେଁ । ଏହାର ପ୍ରଭାବରୁ ସମାଜରେ ଖୁବ୍ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥାଏ । ଲୋକମାନଙ୍କ ସ୍ୱାସ୍ଥ୍ୟରେ ପ୍ରଭାବ ପକାଇବା ସହ ସମାଜରେ ବଡ଼ ଧରଣର ମହାମାରୀ ବ୍ୟାପିବାର ବିପଦ ରହିଛି । ଏହା ବ୍ୟତୀତ ଯେବେ ମା' ସବାରୀରେ ଆସିଥାନ୍ତି, ସେତେବେଳେ ଅରାଜକତା ପରିସ୍ଥିତି ଉପୁଜିପାରେ ଏବଂ କୌଣସି କାରଣରୁ ଦେଶରେ ହିଂସା ମଧ୍ୟ ହୋଇପାରେ । ଲୋକଙ୍କ ପାରିବାରିକ ଜୀବନରେ ମଧ୍ୟ ଏହାର ପ୍ରଭାବ ପଡ଼ିବ । ତେଣୁ ନବରାତ୍ରି ସମୟରେ ଶ୍ରଦ୍ଧା ଓ ନିଷ୍ଠାପୂର୍ବକ ମା'ଙ୍କ ପୂଜାର୍ଚ୍ଚନା କଲେ ଆପଣଙ୍କ ଉପରେ ମା'ଙ୍କ କୃପା ରହିବ ।

CMYK

- Vol.- 45, Issue No. 168
- Tuesday, 17 September 2024
- ମଙ୍ଗଳବାର, ୧୭ ସେପ୍ଟେମ୍ବର ୨୦୨୪
- Bhubaneswar
- Price: Rs. 2.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

## ଏସ୍‌ସିବିରେ ୧୬୦ ଜଣଙ୍କ ଅସ୍ଥିମଜ୍ଜା ପ୍ରତିରୋପଣ

କଟକ,୧୬।୯: ରକ୍ତ କର୍କଟ ରୋଗୀଙ୍କ ସଫଳ ଚିକିତ୍ସା କ୍ଷେତ୍ରରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ସିବି) ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ୧୬୦ ଜଣଙ୍କ ରକ୍ତକର୍କଟ ରୋଗୀଙ୍କ କ୍ଷେତ୍ରରେ ଅସ୍ଥିମଜ୍ଜା ପ୍ରତିରୋପଣ (ବୋନ୍ ମାରୋ ଟ୍ରାନ୍ସପ୍ଲାଣ୍ଟ) କରି ଏସ୍‌ସିବିର ରକ୍ତରୋଗ (ହେମାଟୋଲୋଜି) ବିଭାଗ ଭାରତରେ ଏକ ନୂଆ ରେକର୍ଡ଼ ସୃଷ୍ଟି କରିଛି। ଦେଶର ଅନ୍ୟ କୌଣସି ସରକାରୀ ଡାକ୍ତରଖାନାରେ ଏଭଳି ହୋଇନାହିଁ। ଏହା ବିରଳ ରେକର୍ଡ଼ ବୋଲି ହେମାଟୋଲୋଜି ବିଭାଗର ପ୍ରଫେସର ରବୀନ୍ଦ୍ର କୁମାର ଜେନା କହିଛନ୍ତି।

Web: www.dinalipi.com, E-mail: dinalipinews@gmail.com

## ଜନ୍ମଦିନରେ ଭେଟି ଦେବେ ପ୍ରଧାନମନ୍ତ୍ରୀ

# 'ସୁଭଦ୍ରା'ର ପ୍ରଥମ କିସ୍ତି ଆଜି

ଭୁବନେଶ୍ୱର,୧୬।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ରାଜ୍ୟରେ ବିଜେପି ଶାସନ ଆରମ୍ଭ ହେବା ପରେ ପ୍ରଥମ ଥର ନିଜ ଜନ୍ମଦିନ

- ୧୦ ଲକ୍ଷ ଆବାସ ଘର ବଣ୍ଟନ କରିବେ
- ୧ ଟଙ୍କା ଯାଇନଥିଲେ ଆବେଦନ ବିଚାରାଧୀନ: ଉପମୁଖ୍ୟମନ୍ତ୍ରୀ
- ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ପଞ୍ଜୀକରଣ

ସେପ୍ଟେମ୍ବର ୧୭ (ମଙ୍ଗଳବାର) ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ । ଏଥିପାଇଁ ଜନତା ମଇଦାନରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆକର୍ଷଣୀୟ ମଞ୍ଚ ସାଙ୍ଗକୁ ୪ଟି ସେଡ୍‌ରେ ବସିବେ ସୁଭଦ୍ରା ହିତାଧିକାରୀ, ଭିଆଇପି, ଭିଭିଆଇପିଙ୍କଠୁଁ ଆରମ୍ଭ କରି ନେତା, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ। ମୋଦିଙ୍କ ଭୁବନେଶ୍ୱର ଗସ୍ତ ସଂପର୍କିତ କାର୍ଯ୍ୟସୂଚୀ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସ୍ୱତନ୍ତ୍ର ବିମାନ ଯୋଗେ ୧୭ ତାରିଖ ପୂର୍ବାହ୍ନ ୧୦ଟା ୫୦ ମିନିଟ୍ ସମୟରେ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୧୧ଟା ୧୦ରେ ସିଧାସଳଖ ଗାଡକଣ ବସ୍ତିକୁ ଯିବେ। ସେଠାରେ ୩୦ ମିନିଟ୍ ରହି ପିଏମ୍ ଅବାସର ହିତାଧିକାରୀଙ୍କ ସହ ଆଲୋଚନା କରିବେ। ୧୧ଟା ୫୫ ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେଠାରେ ପ୍ରାୟ ୧ ଘଣ୍ଟା ରହି ୧ଟା ୨୦ ସମୟରେ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ସୂଚନାଯୋଗ୍ୟ ଯେ ଗାଡ଼କଣ ଶବର ସାହିର ୧୨୦ ପରିବାର ମଧ୍ୟରୁ ପିଏମ ଆବାସ ହିତାଧିକାରୀ ଭାବରେ ୩୬ ପରିବାରକୁ ଯୋଗ୍ୟ ବିବେଚିତ କରାଯାଇଛି। ପ୍ରଧାନମନ୍ତ୍ରୀ ଓଡ଼ିଶାରେ ୧୦ ଲକ୍ଷ ଆବାସ ଘର



ବଣ୍ଟନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ଲାଗି କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି ହୋଇଛି। ମଙ୍ଗଳବାର ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ଯାଏଁ କଟକଣା ଲାଗିବ। ଜୟଦେବ ବିହାରରୁ ନାଲକୋ ଛକ, ନାଲକୋ ଛକରୁ ଜୟଦେବ ବିହାର ଯାଏ ଏହି କଟକଣା ବଳବତ୍ତର ରହିବ। ଲୋକେ ନନ୍ଦନକାନନ ପଟୁ ଜୟଦେବ ବିହାର ଆଡ଼କୁ ଯିବା ପାଇଁ ଡମଣା ଛକରୁ ବାମକୁ ଯିବେ। ଜୟଦେବ ବିହାର ପଟୁ ନନ୍ଦନକାନନ ଆଡ଼କୁ ଗଲେ ଆଚାର୍ଯ୍ୟ ବିହାର ସୈନିକ ସ୍କୁଲ ଦେଇ ଯିବେ। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଅଗ୍ନିଶମ ଓ ଆମ୍ବୁଲାନ୍ସ ପାଇଁ କୌଣସି କଟକଣା ଜାରି ହୋଇନାହିଁ। ସୁଭଦ୍ରା ଯୋଜନା ପାଇଁ ଏକ ଟଙ୍କା ଆକାଉଣ୍ଟ ଚେକ୍ ପାଇଁ ଯାଇଛି । ତେଣୁ ଯେଉଁମାନେ ୧ ଟଙ୍କା ପାଇ ନାହାନ୍ତି, ସେମାନଙ୍କ ଆବେଦନ ବିଚାରାଧୀନ ରହିଛି । ଏପରି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଗତକାଲି ସୁଦ୍ଧା ୬୫ ଲକ୍ଷରେ ପହଞ୍ଚି ସାରିଲାଣି ସୁଭଦ୍ରା ପଞ୍ଜୀକରଣ । ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ସୁଭଦ୍ରା ଯୋଜନା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଚାଲିବ। ୨୧-୬୦ ବର୍ଷ ବୟସର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨୦୨୪-୨୫ରୁ ୨୦୨୮-୨୯ ମଧ୍ୟରେ ୫ ବର୍ଷ ମଧ୍ୟରେ ୫୦ ହଜାର ଟଙ୍କା ମିଳିବ। ଦୁଇଟି ସମାନ କିସ୍ତିରେ ବାର୍ଷିକ ୧୦ ହଜାର ଟଙ୍କା ହିତାଧିକାରୀଙ୍କ ଆଧାର ସକ୍ଷମ ଏବଂ ଡିବିଟି ସକ୍ଷମ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯିବ। ଏହି ଐତିହାସିକ ମୂହୂର୍ତ୍ତ ଅବସରରେ ପ୍ରଧାନମନ୍ତ୍ରୀ ୧୦ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପାଣ୍ଠି ହସ୍ତାନ୍ତରର ଶୁଭାରମ୍ଭ କରିବେ।

## ମାତିଲେଣି ସାଇବର ଠକ !

- କ୍ଲିକ୍ କଲେ, ଆକାଉଣ୍ଟରୁ କଟିଲା ୧୨ ହଜାର
- ସଚେତନ କରାଇଲେ ଉପମୁଖ୍ୟମନ୍ତ୍ରୀ
- ସରକାରଙ୍କ ପକ୍ଷରୁ କଲ୍ କିମ୍ବା ଲିଙ୍କ୍ ଯିବ ନାହି

ଭୁବନେଶ୍ୱର,୧୬।୯: ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନା ଆରମ୍ଭ କରିବେ ପ୍ରଧାନମନ୍ତ୍ରୀ । ଏହାରି ଭିତରେ ପରୀକ୍ଷାମୂଳକ ଭାବେ ମହିଳାଙ୍କ ଆକାଉଣ୍ଟକୁ ପଠାଯାଇଛି ୧ ଟଙ୍କା । ଏହାର ସୁଯୋଗ ନେଇ ସାଇବର ଠକ ସକ୍ରିୟ ହୋଇଛନ୍ତି।



ହିତାଧିକାରୀଙ୍କୁ ଏନେଇ ସଚେତନ କରାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ସୁଭଦ୍ରା ଯୋଜନା ନେଇ ସରକାରଙ୍କ ପକ୍ଷରୁ କୌଣସି କଲ୍ କିମ୍ବା ଲିଙ୍କ ଯିବ ନାହିଁ। ଯଦି ଆପଣଙ୍କୁ କିଏ ଲିଙ୍କ୍ ବା କଲ୍ ପାଇଁ କୁହେ ତେବେ ସେ ସାଇବର ଠକ ହୋଇପାରେ। କାହାରିକୁ ବ୍ୟାଙ୍କ ଜମାଖାତା ନମ୍ବର କିମ୍ବା ଏଟିଏମ୍ ନମ୍ବର ଓ ଓଟିପି ଦିଅନ୍ତୁ ନାହିଁ। ସୂଚନାଯୋଗ୍ୟ ଯେ ପୁରୀ ଜିଲ୍ଲା ନିମାପଡ଼ାର ଧଳେଶ୍ୱର ପଞ୍ଚାୟତ ଦହିଜଙ୍ଗ ଗାଁର ଲୁସି ସ୍ୱାଇଁ ଏଭଳି ଠକେଇର ଶିକାର ହୋଇଛନ୍ତି। ଗତକାଲି ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଫୋନ କରି ତାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ଯୋଜନା ଟଙ୍କା ଯାଇଥିବା କଥା କହିଥିଲେ ଏବଂ ତାଙ୍କୁ ଏକ ଲିଙ୍କ ଜରିଆରେ ବ୍ୟାଙ୍କ୍ ଖାତା ଯାଞ୍ଚ କରିବାକୁ କହିଥିଲେ। ଲୁସି ସେହି ଲିଙ୍କ ଖୋଲିବା ପରେ ତାଙ୍କ ବ୍ୟାଙ୍କ୍ ଖାତାରେ ଥିବା ୧୨ହଜାରରୁ ଅଧିକ ଟଙ୍କା ଆଖିପିଛୁଳାକେ ଗାଏବ ହୋଇଯାଇଥିଲା।



'ଦିନଲିପି' କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମା ପୂଜା (ଫଟୋ- ଦିନଲିପି)

## ପ୍ରେମିକା ଆତ୍ମହତ୍ୟା ଘଟଣା, ବନ୍ଧା ହେଲା ବୟଫ୍ରେଣ୍ଡ

**ଭୁବନେଶ୍ୱର, ୧୬/୯(ନିପ୍ର):** ପ୍ରେମିକାଙ୍କ ମୃତ୍ୟୁ ପରେ ମୃତ ଦେହ ଛାଡି ଫେରାର ଥିବା ବୟଫ୍ରେଣ୍ଡକୁ ସୋମବାର ଗିରଫ କରିବାରେ ସଫଳ ହୋଇଛି ଖଣ୍ଡଗିରି ଥାନା ପୁଲିସ। ପୁଲିସ ପ୍ରେମିକାଙ୍କ ମୃତ ଦେହକୁ ଜବତ କରିବା ସହ ହତ୍ୟା ମାମଲା ରୁଜୁ କରିଥିଲା। ଝିଅକୁ ହତ୍ୟା କରାଯାଇଥିବା ମଧ୍ୟ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ହତ୍ୟା ମାମଲା ରୁଜୁ କରି ପୁଲିସ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାର ପ୍ରିୟରଂଜନ ପାତ୍ର(୨୪)ଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏନେଇ ଖଣ୍ଡଗିରି ଥାନା ପୁଲିସ ଅଭିଯୋଗକାରୀ ମୃତ ଯୁବତୀଙ୍କ ବାପା ମଙ୍ଗୁଳି ପରିଡାଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରି ତଦନ୍ତ କରିବା ସହ ସୂଚିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି ।

## ଆଜି ଇସ୍ତଫା ଦେଇପାରନ୍ତି କେଜ୍ରିୱାଲ

ନୂଆଦିଲ୍ଲୀ,୧୬।୯: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ତିହାର ଜେଲରୁ ଫେରିବା ପରେ ଦିଲ୍ଲୀ ରାଜନୀତି ଉଷ୍ମ ହୋଇଛି । ସେ ଇସ୍ତଫା ଦେବାକୁ ଘୋଷଣା କରିବା ପରେ ରାଜନୈତିକ ଗତିବିଧି ବଢିଯାଇଛି । ସୂଚନା ଅନୁସାରେ ମଙ୍ଗଳବାର ୪.୩୦ରେ ସାକ୍ଷାତ ପାଇଁ ସମୟ ଦେଇଛନ୍ତି ଉପରାଜ୍ୟପାଳ । ଫଳରେ କେଜ୍ରିୱାଲ ଇସ୍ତଫା ଦେବାର ସମ୍ଭାବନା ବଢିଯାଇଛି।

## ବିଶ୍ୱଦକ୍ଷତା ପ୍ରତିଯୋଗିତା: ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୧୬/୯(ନିପ୍ର):** ବିଶ୍ୱ ଦକ୍ଷତା ପ୍ରତିଯୋଗିତା-୨୦୨୪'ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଅମରେଶ ଓ ଅଖିଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱରେ ଓଡ଼ିଆ ଯୁବଶକ୍ତିଙ୍କ ଦକ୍ଷତା ପ୍ରଦର୍ଶନ । ଫ୍ରାନ୍ସର ଲିଓନ୍‌ଠାରେ ଅନୁଷ୍ଠିତ 'ବିଶ୍ୱ ଦକ୍ଷତା ପ୍ରତିଯୋଗିତା-୨୦୨୪'ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅମରେଶ କୁମାର ସାହୁ ଏବଂ ଅଖିଳ ଗେଡେଲା ସଫଳତା ହାସଲ କରିଥିବାରୁ ଶୁଭେଚ୍ଛା । ନିଜର ପ୍ରତିଭା ଓ ସାମର୍ଥ୍ୟ ବଳରେ ଅକ୍ଷୟ ଉର୍ଜା ଓ ଜଳ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଭୟ ଏହି ସଫଳତା ହାସଲ କରିଛନ୍ତି । ଏହା ଆମ ଓଡ଼ିଶା ଓ ଭାରତ ପାଇଁ ଗର୍ବର ବିଷୟ । ତାଙ୍କ ଦ୍ୱାରା ଅନେକ ଦକ୍ଷ ଯୁବଶକ୍ତି ଆଗକୁ ବଢିବା ପାଇଁ ପ୍ରେରିତ ହେବେ । ଅମରେଶ ଓ ଅଖିଳଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

## କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ହେବ ୭୦ତମ ଓଡ଼ିଶା ରାଜ୍ୟ ସିନିଅର ଆଥଲେଟିକ୍ସ ଚମ୍ପିଆନ୍‌ଶିପ୍

**ଭୁବନେଶ୍ୱର, ୧୬/୯(ନିପ୍ର):** ଓଡିଶା ସରକାରଙ୍କର କ୍ରୀଡା ଓ ଯୁବ ସେବା ବିଭାଗ, ଓଡିଶା ଆଥଲେଟିକ୍ସ ଅସୋସିଏସନ ର ଯୁଗ୍ମ ଉଦ୍ୟମ ରେ, ୭୦ତମ ଓଡ଼ିଶା ରାଜ୍ୟ ସିନିଅର ଆଥଲେଟିକ୍ସ ଚ୍ୟାମ୍ପିଅନ୍‌ଶିପ୍ ୨୦୨୪ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ୍‌ରେ ୧୮-୨୦ ସେପ୍ଟେମ୍ବର ୨୦୨୪ ମଧ୍ୟ ରେ ଅନୁଷ୍ଠିତ ହେବ। ଏହି ୩ ଦିନିଆ ପ୍ରତିଯୋଗିତା ରେ ୨୬୮ ମହିଳା ସମେତ ରାଜ୍ୟର ୩୦ ଟି ଜିଲ୍ଲାର ପ୍ରାୟ ୯୦୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା-ରିଲାୟନ୍ସ ଫାଉଣ୍ଡେସନ୍ ଆଥଲେଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର ଓ ଓଡିଶା ସରକାର ଙ୍କର କ୍ରୀଡା ଛାତ୍ରାବାସରେ ଅଭ୍ୟାସ କରୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏହି ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବେ। ଓଡ଼ିଶା ପୋଲିସ, ପୋଷ୍ଟାଲ୍ ସେବା, ବିଏସ୍‌ଏନ୍‌ଏଲ୍ ଓ କିଟ ବିଶ୍ୱବିଦ୍ୟାଳୟରୁ ମଧ୍ୟ ଅଂଶଗ୍ରହଣକାରୀ ମାନେ ଏହି କ୍ରୀଡ଼ା ପ୍ରତିଯୋଗିତା ଅଂଶଗ୍ରହଣ କରିବେ।୭୧ ଜଣିଆ ସୁନ୍ଦରଗଡ ଏବଂ କଟକ ଜିଲ୍ଲା ର ଦଳ ଗୁଡିକ ଏହି ପ୍ରତିଯୋଗିତା ରେ ସର୍ବବୃହତ ଅଟନ୍ତି, ତନ୍ମଧ୍ୟ ରୁ ୨୭ ଜଣ ପ୍ରତିଯୋଗୀ ମହିଳା ଅଟନ୍ତି। ଏହି ଦୁଇଟି ଜିଲ୍ଲା ରୁ ଜିଲ୍ଲା ରୁ ମହିଳା ମାନେ ମଧ୍ୟ ବିଶିଷ୍ଟ ସଂଖ୍ୟାରେ ଅଂଶଗ୍ରହଣ କରିବେ। ଏହି ଦୁଇଟି ଜିଲ୍ଲା ରୁ ମୋଟ ୫୬ ଜଣ ମହିଳା ବିଭିନ୍ନ ଟ୍ରାକ୍ ଓ ଫିଲ୍ଡ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବେ।

## ରାଜ୍ୟ ଅର୍ଥନୀତି ହେବ ସମୃଦ୍ଧ

- ୨୮୭୧ କୋଟିର ରେଳ ପ୍ରକଳ୍ପ ଶିଳାନ୍ୟାସ ଆଜି
- ଚାରି ରେଳ ସେକ୍ସନ ବି ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୧୬।୯(ନିପ୍ର): ଓଡ଼ିଶାର ରେଳ ଭିତ୍ତିଭୂମି ବୃଦ୍ଧି ପାଇଁ ଏକ ଐତିହାସିକ ପଦକ୍ଷେପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭୁବନେଶ୍ୱରରୁ ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିବେ । ରେଳ ସଂଯୋଗକୁ ବୃଦ୍ଧି କରାଇବା ସହ ପ୍ରମୁଖ ରେଳ ମାର୍ଗଗୁଡ଼ିକ ପାଇଁ ୨୮୭୧ କୋଟି ମୂଲ୍ୟର ରେଳ ପ୍ରକଳ୍ପକୁ ଉଦ୍ଘାଟନ ଓ ଭିତ୍ତି ପ୍ରସ୍ତର କରାଯିବ । ପ୍ରଧାନମନ୍ତ୍ରୀ ଚାରୋଟି ପ୍ରମୁଖ ରେଳ ସେକ୍ସନକୁ ଦେଶକୁ ଉତ୍ସର୍ଗ କରିବେ। ଏଗୁଡିକ ହେଉଛି ବିଜୟନଗରମ-ଟିଟିଲାଗଡ ତୃତୀୟ ଲାଇନ ପ୍ରକଳ୍ପର ୨୫.୩୯୪ ଲମ୍ବା ଲାଞ୍ଜିଗଡ ରୋଡ୍-ଆମ୍ବାଡୋଲା-ଡୋଇକାଲୁ ରେଳ ସେକ୍ସନ ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୪୩୨ କୋଟି । କୋରାପୁଟ-ସିଙ୍ଗାପୁର ରୋଡ୍ ଦୋହରୀକରଣ ପ୍ରକଳ୍ପର ୨୨.୯୪ କିମି ଲମ୍ବା ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ-ଟିକିରି ରେଳ ସେକ୍ସନ, ଏହା ପ୍ରାୟ ୨୬୦ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ କରାଯାଇଛି । ବୁଢାପଙ୍କ-ସଲଗାଁ ତୃତୀୟ ଏବଂ ଚତୁର୍ଥ ଲାଇନ ପ୍ରକଳ୍ପର ୪୦.୬୨ କିମି ଲମ୍ବା ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ଼ ସେକ୍ସନ । ଯାହା ପ୍ରାୟ ୫୪୦ କୋଟି ବିନିମୟରେ ନିର୍ମାଣ କରାଯାଇଛି । ସେହିଭଳି, ବଣ୍ଡାମୁଣ୍ଡା-ରାଞ୍ଚି ଦୋହରୀକରଣ ପ୍ରକଳ୍ପର ୧୨.୫ କିମି ଲମ୍ବା ବାଙ୍ଗୁରେକେଲା-ନୋଗାଓଁ ରେଳ ସେକ୍ସନ। ଯାହା ପ୍ରାୟ ୨୩୯ କୋଟି ବିନିମୟରେ ନିର୍ମାଣ କରାଯାଇଅଛି । ଏହି ଉତ୍ସର୍ଗୀକୃତ ବ୍ୟତୀତ ପ୍ରଧାନମନ୍ତ୍ରୀ ଚାରିଟି ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ, ଯାହାକି ନୂତନ ରେଳ ବିକାଶର ଆରମ୍ଭ ହେବ ବୋଲି ଚିହ୍ନିତ କରିବ । ଏହି ପ୍ରକଳ୍ପଗୁଡ଼ିକ ହେଉଛି ସିଜୁ ଏବଂ ପାରାଦୀପ କୋଟିଂ ୟାର୍ଡ ମଧ୍ୟରେ ୭ କିଲୋମିଟର ଲମ୍ବା ଫ୍ଲାଏଓଭର, ୧୮.୫୧ କିମି ଲମ୍ବା ପାରାଦୀପ-ବଡ଼ବନ୍ଧ ତୃତୀୟ ଏବଂ ଚତୁର୍ଥ ଲାଇନ୧୦.୯୩ କିମି ଲମ୍ବା ଏମସିଆରଏଲ ଆଭ୍ୟନ୍ତରୀଣ କରିଡର ଫେଜ -୧ର ଦୋହରୀକରଣ,୪୧.୯ କିମି ଲମ୍ବା ଜୟପୁର-ନବରଙ୍ଗପୁର ନୂତନ ଲାଇନକୁ ପ୍ରାୟ୭୪୮ କୋଟି ମୂଲ୍ୟରେ ନିର୍ମାଣ କରାଯିବ। ପଦକ୍ଷେପଗୁଡିକ କେବଳ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବ ନାହିଁ ବରଂ ଜାତୀୟ ଅର୍ଥନୀତିରେ ସହାୟକ ହେବ।

## କୋଇଲା ରୟାଲିଟି ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଅନ୍ତୁ ମୁଖ୍ୟମନ୍ତ୍ରୀ: ବିଜେଡି

**ଭୁବନେଶ୍ୱର, ୧୬/୯(ନିପ୍ର):** ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କୋଇଲା ରୟାଲିଟି ସଂଶୋଧନ କରିବାକୁ ଆଜି ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ପ୍ରସ୍ତାବ ଦିଅନ୍ତୁ ବୋଲି ଆଜି ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଦଳର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡଃ ସସ୍ମିତ ପାତ୍ର । ୨୦୧୨ ମସିହାଠାରୁ ଅଦ୍ୟାବଧି କୋଇଲା ରୟାଲିଟି ସଂଶୋଧନ ହୋଇନାହିଁ ଏବଂ ଏ ସଂକ୍ରାନ୍ତରେ ତତ୍କଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କେନ୍ଦ୍ରର ବିଜେପି ସରକାର କର୍ଣ୍ଣପାତ କରିନଥିଲେ । କୋଇଲା ରୟାଲିଟି ସଂଶୋଧନ ନ ହେବା ଫଳରେ ଓଡ଼ିଶା ବାର୍ଷିକ ୧୦ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛି । ଏନେଇ ବିଜୁ ଜନତା ଦଳର ସାଂସଦମାନେ ବାରମ୍ବାର ସଂସଦରେ ପ୍ରଶ୍ନ ଉଠାଇଥିଲେ ମଧ୍ୟ କେନ୍ଦ୍ର ସରକାର ଚୁପ୍ ବସିଛନ୍ତି । ଆସନ୍ତାକାଲି ଯେତେବେଳେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶାବାସୀ ଗୋଟିଏ ମଞ୍ଚରେ ଦେଖିବେ, ସେତେବେଳେ ମୁଖ୍ୟମନ୍ତ୍ରୀ ସାହସ ଜୁଟାଇ ରାଜ୍ୟବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କୋଇଲା ରୟାଲିଟି ସଂଶୋଧନ ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କୁ ଦିଅନ୍ତୁ। ଡବଲ ଇଞ୍ଜିନ ସରକାର ଆସିଲେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ ବୋଲି ନିର୍ବାଚନ ସମୟରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ଡଃ ପାତ୍ର କହିଥିଲେ । ଡଃ ପାତ୍ର ଆହୁରି କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠାକୁ ନେଇ ଗତ ମାସରେ କେନ୍ଦ୍ର ଆଇନ ମନ୍ତ୍ରୀ ସଂସଦରେ କହିଥିଲେ, ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତୀୟ ପ୍ରସ୍ତାବ କେନ୍ଦ୍ରର ହସ୍ତଗତ ହୋଇନାହିଁ । ତଦନୁଯାୟୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦେବା ପାଇଁ ଆମେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲୁ । ରାଜ୍ୟରେ ବିଜେପି ସରକାର ଗଠନ ହେବାର ତିନି ମାସ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ସୁଦ୍ଧା କେନ୍ଦ୍ରକୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସ୍ତାବ ଦେଇପାରିଲେ ନାହିଁ । ଯେହେତୁ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି, ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କ ସାମ୍ନାରେ ଉତଥାପନ କରିବାର ସାହସିକତା ପ୍ରଦର୍ଶନ କରନ୍ତୁ ମୁଖ୍ୟମନ୍ତ୍ରୀ ।

## ଧଉଳି ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୧୬/୯(ନିପ୍ର):** ରାଜ୍ୟପାଳ ରଘୁବର ଦାସ ଧଉଳି ଶାନ୍ତିସ୍ତୂପ ଓ ଧବଳେଶ୍ୱର ମନ୍ଦିର ପରିଦର୍ଶନ କରିଛନ୍ତି । ଏନଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ଶାନ୍ତିର ସଂପର୍କ ଅନୁଭୂତି ସହିତ ରହିଥାଏ ଏବଂ ଏହା ଭିତରୁ ଆସିଥାଏ । ଏହାକୁ ବାହାରେ ଖୋଜାଯାଇପାରେନା । ଭଗବାନ ବୁଦ୍ଧଙ୍କ ଏହି ବାର୍ତ୍ତା ଆଜି ବି ଅନେକ ମୂଲ୍ୟ ରଖିଥାଏ । ପ୍ରକୃତ ଶାନ୍ତି କେବଳ ସେତେବେଳେ ମିଳିଥାଏ ଯେତେବେଳେ ଆମେ ଭିତରର ସଂଘର୍ଷରୁ ମୁକ୍ତ ହେଇଥାଉ ।

### ରାଜଧାନୀରେ ବେପରୁଆ ଗାଡ଼ିଚାଳନା

## ଭିଡିଓ ଭାଇରାଲ ହେବା ପରେ ୫ ଗିରଫ

**ଭୁବନେଶ୍ୱର,୧୬।୯(ନିପ୍ର):** ଭୁବନେଶ୍ୱରର ଜନପଥରେ ଟ୍ରାଫିକ ନିୟମକୁ ଉଲ୍ଲଂଘନ କରି ଅଭିଯୁକ୍ତମାନେ ସୋମବାର ସକାଳେ ମୋଟ ୪ଟି କାରରେ ରାସ୍ତାରେ ଯାଉଥିବା ବେଳେ ବେପରୁଆ ଡ୍ରାଇଭିଂ କରି ଆତଙ୍କ ଖେଳାଇଥିଲେ। କମିଶନରେଟ ପୁଲିସ ୫ ଜଣଙ୍କୁ ଗିରଫ କରିଥିବା ବେଳେ ୨ଟି ଗାଡ଼ି ଜବତ କରିଛି। ଦୁଇଟି କାରରେ ଦୁଇ ଜଣ ସନ୍ ରୁଫ୍ ଦେଇ ବାହାରକୁ ବାହାରିଥିଲେ ଓ ଜୋରରେ ଚିତ୍କାର କରୁଥିଲେ। ସେଥିରୁ ଗୋଟିଏ କାରର ଝରକା ଦେଇ ଜଣେ ବାହାରକୁ ବସିଥିଲେ ଓ ପାଟି କରୁଥିଲେ। ଆଉ ଗୋଟିଏ କାର ଅତି ବିପଜ୍ଜନକ ଭାବେ ରାସ୍ତାରେ ଯାଉଥିଲା। ତାହା କିଛି କ୍ଷଣ ପାଇଁ ଫୁଟ୍‌ପାଥ୍ ଉପରକୁ ଚାଲିଯାଇଥିଲା। ଏହା ଅନ୍ୟମାନଙ୍କ ପାଇଁ ବିପଦର



କାରଣ ହୋଇଥା'ନ୍ତା। ସେତେବେଳେ ରାସ୍ତାରେ ଯାଉଥିବା ଲୋକଙ୍କ ମଧ୍ୟରୁ କେହି ନିଜ ମୋବାଇଲ ଫୋନ୍‌ରେ ଉକ୍ତ ଦୃଶ୍ୟକୁ ରେକର୍ଡ କରି ସୋଶାଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଭିଡିଓଟି ସତ୍ୟନଗର ବିଏମସି ଅଫିସ ସମ୍ମୁଖରୁ ରୁପାଲି ଛକ ମଧ୍ୟରେ ରେକର୍ଡ କରାଯାଇଥିଲା । ଭିଡିଓଟି ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ସହିତ ଏହି ଘଟଣା ନେଇ କମିଶନରେଟ ପୁଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତା'ପରେ ତତ୍‌ପର ହୋଇଥିଲା କମିଶନରେଟ ପୁଲିସ। ଘଟଣାର ଖୋଳତାଡ଼ କରି ପୁଲିସ୍ ୫ ଜଣଙ୍କୁ ଗିରଫ କରିଥିବା ବେଳେ ୨ଟି ଗାଡ଼ି ଜବତ କରିଛି।

## ଟାଟା ଷ୍ଟିଲ କଳିଙ୍ଗନଗରର ସର୍ବବୃହତ୍ ପୁଞ୍ଜିନିବେଶ ସ୍ଥଳ ପାଲଟିଛି ଓଡ଼ିଶା

**ଯାଜପୁର,୧୬/୯(ନିପ୍ର):** ଓଡ଼ିଶାର ଟାଟା ଷ୍ଟିଲ କଳିଙ୍ଗନଗର କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଦ୍ୱାରା ଖୁବ୍‌ଶୀଘ୍ର ଏହାର କ୍ଷମତା ବାର୍ଷିକ ୩ ନିୟୁତ ଟନ୍ (ଏମଟିପିଏ)ରୁ ୮ ନିୟୁତ ଟନ୍ (ଏମଟିପିଏ)କୁ ବୃଦ୍ଧି ପାଇବ। ଏହି ସମ୍ପ୍ରସାରଣ ଦ୍ୱାରା ଦେଶର ସବୁଠାରୁ ପୁରୁଣା ଇସ୍ପାତ ନିର୍ମାତା ପାଇଁ ଓଡ଼ିଶା ଏକକ ବୃହତ୍ତମ ନିବେଶ ସ୍ଥଳରେ ପରିଣତ ହେବାସହ ଇସ୍ପାତ ଶିଳ୍ପ ଜଗତରେ ଏକ ଗୌରବମୟ ସ୍ଥାନ ଅକ୍ତିଆର କରିବ। ୨୭ ହଜାର କୋଟି ଟଙ୍କା ନିବେଶରେ କଳିଙ୍ଗନଗର କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। କମ୍ପାନୀ ୨୫ ହଜାର କୋଟି ଟଙ୍କା ବିନିଯୋଗରେ ୨୦୧୫ରେ ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ କରିଥିଲା ଏବଂ ୨୦୨୨ ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ଅଧିଗ୍ରହଣ ମାଧ୍ୟମରେ ୧୨,୧୦୦ କୋଟି ଟଙ୍କାର ଅତିରିକ୍ତ ବିନିଯୋଗ ସହିତ ଓଡ଼ିଶାରେ ଏହାର କ୍ଷମତାକୁ ଆହୁରି ବୃଦ୍ଧି କରିଥିଲା। ଢେଙ୍କାନାଳ ଜିଲ୍ଲାରେ ଥିବା ଟାଟା ଷ୍ଟିଲ ମେରାମଣ୍ଡଳୀ (ପୂର୍ବରୁ ଭୂଷଣ ଷ୍ଟିଲ ଲିମିଟେଡ) କାରଖାନା ସହିତ ଓଡ଼ିଶାରେ ଟାଟା ଷ୍ଟିଲର ମୋଟ ପୁଞ୍ଜିନିବେଶ ଆଜି ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ୨୦୩୦ ସୁଦ୍ଧା ଭାରତରେ ଟାଟା ଷ୍ଟିଲର ୪୦ ଏମଟିପିଏ କ୍ଷମତା ଲକ୍ଷ୍ୟ ହାସଲ କରିବାରେ କଳିଙ୍ଗନଗର କାରଖାନାର ସମ୍ପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

CMYK

ତିଥି : (ଚତୁର୍ଦ୍ଦଶୀ) : (ଶତଭିଷା କୁମ୍ଭ)
ଅମୃତବେଳା: ଦିଘ ୭।୧୩ ମଧ୍ୟେ ଦି ଘ ୯।୩୮ ଗତେ

## ଆଜିର ଅନୁଚିନ୍ତନ

ଯେଉଁମାନେ ନିଷ୍କାମ କର୍ମରେ ସଦାରତ
ସଫଳେ ବିଫଳେ ରହନ୍ତି ସେ ସ୍ଥିରଚିତ୍ତ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ପୁଣି ଟ୍ରମ୍ପଙ୍କୁ ଆକ୍ରମଣ

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫ୍ଲୋରିଡାରେ ଗଲ୍ଫ ଖେଳୁଥିବା ବେଳେ ତାଙ୍କୁ ଗୁଳିମାଡ଼ ହୋଇଛି। ଅଳ୍ପକେ ବର୍ତ୍ତି ଯାଇଛନ୍ତି ରିପବ୍ଲିକାନ୍ ପାର୍ଟିର ଏହି ରାଷ୍ଟ୍ରପତି ପ୍ରାର୍ଥୀ ଟ୍ରମ୍ପ। ତାଙ୍କ ଦେହରେ ଗୁଳି ବାଜି ନାହିଁ। ସେ ସୁରକ୍ଷିତ ଏବଂ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କଠାରୁ ଏକେ-୪୭ ରାଇଫଲ୍ ଜବତ କରାଯାଇଛି। ଏଫ୍‌ବିଆଇ ଇତିମଧ୍ୟରେ ତଦନ୍ତ ଆରମ୍ଭ କରିଛି। ସ୍ୱାଭାବିକ ଭାବରେ ଏହାର ନିନ୍ଦା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ। ହିଂସାକୁ କେବେ ବରଦାସ୍ତ କରାଯିବ ନାହିଁ। ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯିବ।ସୂଚନା ଥାଉକି,ଟ୍ରମ୍ପଙ୍କ ଉପରକୁ ଏହିପରି ଆକ୍ରମଣ ଉଦ୍ୟମ ନୂଆ ନୁହେଁ। ପୂର୍ବରୁ ଜୁଲାଇ ୧୩ରେ ପେନ୍‌ସିଲଭାନିଆରେ ଆୟୋଜିତ ଏକ ରାଲିରେ ଟ୍ରମ୍ପଙ୍କ ଉପରକୁ ଗୁଳିମାଡ଼ ବେଳେ ଗୁଳି ଧ୍ୱନି ଶୁଣି ଟ୍ରମ୍ପଙ୍କ ଅଙ୍ଗରକ୍ଷୀମାନେ ତାଙ୍କୁ ମଞ୍ଚ ଉପରୁ ଓହ୍ଲାଇ ଦେଇଥିଲେ। ଏହି ସମୟରେ ତାଙ୍କର ଡାହାଣ କାନରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା । ଟ୍ରମ୍ପ ଅଳ୍ପକେ ବର୍ତ୍ତି ଯାଇଥିଲେ । ଅନ୍ୟପକ୍ଷେ ଏହି ଗୁଳିମାଡ଼ରେ ଜଣଙ୍କର ମୃତ୍ୟୁ ହୋଇଥିଲା । ଟ୍ରମ୍ପଙ୍କ ଉପରେ ଦ୍ୱିତୀୟଥର ଗୁଳିମାଡ଼ ହୋଇ ହତ୍ୟା ଉଦ୍ୟମ କ୍ଷେତ୍ରରେ ବିଶ୍ୱର ପ୍ରତିଷ୍ଠିତ ଶିଳ୍ପପତି ଏଲନ୍ ମସ୍କ ଉଦ୍‌ବେଗ ପ୍ରକାଶ କରି ଲେଖିଛନ୍ତି, କମଳା ହାରିସ୍ ଏବଂ ଜୋ ବାଇଡେନଙ୍କୁ ହତ୍ୟା କରିବା ପାଇଁ କେହି ବି ଉଦ୍ୟମ କରୁନାହାନ୍ତି। ଏପରି ଟୁଇଟ ଆସିବା ପରେ ସୋସିଆଲ ମିଡିଆରେ ଉତ୍ତେଜନା ପ୍ରକାଶ ପାଇବା ସ୍ୱାଭାବିକ। କେହି କେହି ମସ୍କଙ୍କୁ ପ୍ରଶ୍ନ କରୁଛନ୍ତି ତ ଆଉ କେହି ସମର୍ଥନ ଜଣାଉଛନ୍ତି। ଏହା ସ୍ୱାଭାବିକ । ତେବେ କମଳା ହାରିସ ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥିନୀ। ମସ୍କଙ୍କ ଟୁଇଟରେ ଯେଉଁ ସନ୍ଦେହ ସୂଚନା ରହୁଛି,ତାହା ହାରିସଙ୍କ ସନ୍ଦିଗ୍ଧ ଭୂମିକା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କୁହାଯାଇପାରିବ ନାହିଁ।

ଆଗକୁ ନିର୍ବାଚନ ଥିବା ବେଳେ ନିକଟରେ ହୋଇଥିବା ଏକ ସର୍ଭେ ମୁତାବକ ହାରିସଙ୍କ ପ୍ରତି ଜନତାଙ୍କ ସମର୍ଥନ ପ୍ରାୟ ୫୦ ପ୍ରତିଶତ ଥିବା ବେଳେ ଟ୍ରମ୍ପଙ୍କ ସପକ୍ଷରେ ରହିଛି ୪୫ ପ୍ରତିଶତ। ଏପରିକି ଲୋକପ୍ରିୟତା ଦୃଷ୍ଟିରୁ ବାଇଡେନଙ୍କଠାରୁ ଆଗରେ ଅଛନ୍ତି ହାରିସ। ସୁତରାଂ ପ୍ରଶ୍ନ ଉଠୁଛି କାହିଁକି ଟ୍ରମ୍ପଙ୍କ ଉପରକୁ ବାରମ୍ବାର ଗୁଳିମାଡ ବା ଆକ୍ରମଣ ହେଉଛି। ଏନେଇ ଉପେକ୍ଷା କରାଯାଇପାରିବ ନାହିଁ ଯେ ଆମେରିକା ରାଜନୀତିରେ ଗୁଳି ହିଂସା ବଳବତ୍ତର ନାହିଁ। ସଦ୍ୟ ଘଟଣା ପରେ ହାରିସ ସୁଦ୍ଧା କହିଛନ୍ତି ଆମେରିକାରେ ହିଂସାର ସ୍ଥାନ ନାହିଁ। ହାରିସଙ୍କ ପ୍ରତିକ୍ରିୟା ପରେ ହିଂସା ଯେ ଥମି ଯିବ ସେପରି ସମ୍ଭାବନା ପ୍ରକଟ କରିହେବ ନାହିଁ। ଏନେଇ ତଦନ୍ତ ବ୍ୟାପକ ହେବା ପରେ ହୁଏତ କିଛି ସୂତ୍ର ମିଳିପାରେ। ତେବେ କୁହାଯାଇପାରେ ଯେ ଧମକ ବା ଆକ୍ରମଣ ସ୍ତର ଚୂଡ଼ାନ୍ତ ସ୍ତରରେ ପହଞ୍ଚିସାରିଛି। ତାହାକୁ ନିର୍ବାଚନ ସହ ଯୋଡ଼ିବା ସ୍ୱାଭାବିକ ହୋଇଥିଲେ ହେଁ ହତ୍ୟା ଉଦ୍ୟମର ଅସଲ ରହସ୍ୟ ଉନ୍ମୋଚିତ ହୋଇପାରି ନଥିବାରୁ ଏହା ଚାଲେଞ୍ଜ ସ୍ୱରୂପ ରହିଛି । ଆମେରିକାର ଭାବମୂର୍ତ୍ତିକୁ ଅନ୍ତର୍ଜାତୀୟ ସ୍ତରରେ ଏହି ଘଟଣା ପ୍ରତୀକିତ କରିଛି ଯେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ଏତେ ସହଜ ନୁହେଁ। ଟ୍ରମ୍ପଙ୍କ ଅବିଚଳିତ ଭାବ ତଥା ନିର୍ବାଚନିକ ଲଢ଼େଇ ଭାବମୂର୍ତ୍ତି ତାଙ୍କୁ ବରଂ ଅଧିକ ସଶକ୍ତ କରିଛି ବୋଲି କୁହାଯାଇପାରେ । ମାତ୍ର ଏପରି ପ୍ରାଣଘାତୀ ଉଦ୍ୟମ ପଛରେ ହିଂସା ମନୋବୃତ୍ତି କାହାର ? ଏବେ ନହେଲେ ବି ଭବିଷ୍ୟତରେ କେବେ ପ୍ରକଟିତ ହେବା ପରେ ତାହା ପର୍ଦ୍ଦାଫାସ ହେବ । ଏବଂ ହିଂସା ନୁହେଁ ଅହିଂସା ଲୋକଙ୍କ ମଧ୍ୟରେ ସହଜାତ ତଥା ଶାନ୍ତିକାମିତା ଆଧାରିତ ତାହାର ହିଁ ବିଜୟ ହେବ ବୋଲି ବିଶ୍ୱାସ ।

# 'ପରମଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ'

ଡା. ଉମେଶ ଚନ୍ଦ୍ର ପାତ୍ର

**ସତରେ ସେ ସମୟ କାହିଁ ? ଯେଉଁଠି ସୁନାର ଇତିହାସ ରଚିତ ହୋଇଥିଲା ସେ ବେଳ ଚାଲିଯାଇଛି। ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ / ପଦୁ ଗଳୁଛି ମକରନ୍ଦ ଧ୍ୱନି କ୍ରମଶଃ କ୍ଷୀଣ ପ୍ରାୟ। ଏବେ ଭାଗବତ ଟୁଙ୍ଗି ନାହିଁ କିମ୍ବା ନଡ଼ା ଛପର ଘର ନାହିଁ। ସନ୍ଧ୍ୟା ସମୟରେ ଦୀପଟିର ପ୍ରଜ୍ୱଳିତ ଶିଖା ଭିତରେ ଭାଗବତର ଟୁଙ୍ଗିଘରର ପୁରାଣ ପାଠ ଥିଲା ଗ୍ରାମ୍ୟ ବିଚାରାଳୟ ଆଉ ତାହା ହିଁ ଥିଲା ଲୋକ ଅଦାଲତ। ବାସୁଦେବ ଗୋସେଇଁଙ୍କୁ ପ୍ରଣିପାତ ହୋଇ ଭଗବତ ଚେତନା ସହ ଫେରୁଥିଲେ ଲୋକେ।**

ମଣିଷର ଭାବକୁ ଯେ ପ୍ରକାଶିତ କରି ପ୍ରତିକ୍ଷଣରେ ସୁମାର୍ଗରେ ପରିଚାଳିତ କରିବାର ନିର୍ଦ୍ଦେଶନ ଦିଏ ତାହା ହେଉଛି ଭାଗବତ। ଭାଗବତ ଜୀବନର ଗ୍ରନ୍ଥ। ଭାଗବତ ଚଳଣିର ଚଳତ୍‌ମାନ ପ୍ରବାହ। ତାହା କେବଳ ଅନୁକରଣୀୟ ନୁହେଁ, ଅନୁସରଣୀୟ ମଧ୍ୟ। ଶ୍ରୀଜଗନ୍ନାଥ ଦାସ ଲେଖିଥିଲେ 'ପରମଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ।' ଜୀବନକୁ ସୁମାର୍ଗରେ ପରିଚାଳିତ କରିବାରେ ଭାଗବତ ହିଁ ସାହାଯ୍ୟ କରିଥାଏ। ଏହି ଭାଗବତକୁ କୁହାଯାଏ ପରମ ଶାସ୍ତ୍ର। ଭାଗବତର ପ୍ରାଧାନ୍ୟତାକୁ ଉପଲବ୍ଧି କରିବା ପାଇଁ ତାହାକୁ ଜୀବନ ଗ୍ରନ୍ଥରେ ପରିଣତ କରିବା ପାଇଁ, ଆଚରଣଶୀଳ କରାଇବା ପାଇଁ ପ୍ରତି ବର୍ଷ ପାଳିତ ହୁଏ ଭାଗବତଜନ୍ମ। ଭାଗବତ ଜନ୍ମରେ ଅନେକ ଲୋକ ଆନୁଷ୍ଠାନିକ ଭାବରେ ଭାଗବତ ପାଠ ଆରମ୍ଭ କରନ୍ତି ଏବଂ ପ୍ରତିଦିନ ଏକ ଅଧ୍ୟାୟ ପାଠକରି ପୁଣି ଭାଗବତ ଜନ୍ମ ଉତ୍ସବରେ ତାହାକୁ ବଢ଼ାଇ ଥାଆନ୍ତି। ଏହି ଦିନକୁ ମଧ୍ୟ କୁହାଯାଏ ଭାଗବତ ବଢ଼ା। ଏହି ଦିନ ଭାଗବତ ବଢ଼ିଥାଏ। ଶ୍ରୀମଦ୍‌ଭାଗବତ ମହାପୁରାଣ ଲେଖା ହେବାର ପୃଷ୍ଠଭୂମିରେ ରହିଛି ବ୍ୟାସଦେବଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା। ସମସ୍ତ ପୁରାଣ ଶାସ୍ତ୍ର, ବେଦ ଇତ୍ୟାଦି ସୃଷ୍ଟିକରି ସାରିଲା ପରେ ବ୍ୟାସଦେବ ମାନସିକ ସ୍ତରରେ ଶାନ୍ତି ପାଇଲେ ନାହିଁ। ଦେବର୍ଷି ନାରଦ ତାଙ୍କୁ ପ୍ରେରଣା ଦେଲେ ଯେ ଭାଗବତ ସୃଷ୍ଟି କରିବା ପାଇଁ। ଏହି ଆଷାଢ଼ ପୂର୍ଣ୍ଣମୀ ଦିନ ବ୍ୟାସଦେବ ଗଙ୍ଗାନଦୀ ତଟରେ ଶମ୍ୟାପାସ ନାମକ ଆଶ୍ରମରେ ଭାଗବତର ଅମୃତୋପମ କଥା, ଗାଥାକୁ ରଚନା କରିବାକୁ ଲାଗିଲେ। ସେଦିନ ଥିଲା ପବିତ୍ର ଭାଦ୍ରବ ପୂର୍ଣ୍ଣିମା ତିଥି। ବ୍ୟାସଦେବ ଧ୍ୟାନସ୍ଥ ହୋଇ ସମଗ୍ର ଐଶୀଲୀଳାକୁ ଅବଲୋକନ କଲେ। ଏହାପରେ ରଚନା କଲେ ଭାଗବତ। ଭାଗବତ ରଚନାକରିବାପରେ ପ୍ରଦାନ କଲେ ପୁତ୍ର ଶୁକଦେବଙ୍କୁ। ଶୁକଦେବ ଶୁଣିଲେ ଭାଗବତର ଅମୂଲ୍ୟଗାଥା। ତାହା କ୍ରମେ ସୁତ ଓ ଶୌନକ ମୁନିଙ୍କ ନିକଟକୁ ଆସିଲା ପର୍ଯ୍ୟାୟକ୍ରମେ ଭାଗବତର କଥାବସ୍ତୁ।

ଆଜି ଆମେ ବୈଜ୍ଞାନିକ ଯୁଗର ମଣିଷ। ପ୍ରତିଟି କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା କରିଚାଲିଛେ। ହେଲେ ଆମର ପରମ୍ପରା ଏପାଖରେ ଭୁଶୁଡ଼ି ପଡ଼ିଛି। ଭାଗବତ ଟୁଙ୍ଗୀ ଆଜି ସ୍ୱପ୍ନ ହେବାକୁ ବସିଲାଣି। ବିଲୁପ୍ତ ପ୍ରାୟ। ପ୍ରତ୍ୟେକ ସ୍ଥଳରେ ଆଧୁନିକତାର ବିଜୟ ନିଶାଣ ପ୍ରତିଧ୍ୱନିତ। ଏବେ ମିଞ୍ଜି ମିଞ୍ଜି ଦୀପ ଆଲୋକରେ ପୁରାଣ ପଣ୍ଡାଙ୍କ ଭାଗବତର ପଦ ଆଉ ଶୁଣାଯାଉନାହିଁ। ଭାଗବତ ଟୁଙ୍ଗି ଏବେ ପକ୍କା କୋଠା ଏବଂ ବିଜୁଳି ଆଲୋକରେ ଝଟକୁଛି। ସେଦିନର ଭାଗବତ ଗାଦି ଅଛି। ସଂସ୍କୃତି ଓ ପରମ୍ପରା ଏବେ ଭୂଲୁଣ୍ଠିତ। ପୂର୍ବପରି ଭାଗବତ ଟୁଙ୍ଗିରେ ଆଉ ନ୍ୟାୟ ନିଶାପ ହେଉନାହିଁ କିମ୍ବା ଚାଷବାସ ସମ୍ବନ୍ଧରେ ଆଲୋଚନା ହେଉନାହିଁ। ଯୁଗ ବଦଳିଛି। ଆମକୁ ଇଲେକ୍‌ଟ୍ରୋନିକ ମିଡ଼ିଆ କିମିଆ କରିଛି। ପୂର୍ବପରି ପାରିବାରିକ ସମ୍ପର୍କରେ ସ୍ନେହ ଶ୍ରଦ୍ଧା କ୍ଷୀଣ ହୋଇ ଆସିଲାଣି। ସାହି-ସାହି ମଧ୍ୟରେ ରାଜନୀତିକୁ ନେଇ ସୃଷ୍ଟି ହୋଇଛି ଫାଟ। ପ୍ରଥା ଓ ପରମ୍ପରାକୁ ପାସୋରି ଦେଇ ପାଶ୍ଚାତ୍ୟର ଶ୍ରୋତାରେ ଭାସିଯିବା ଆମର ପ୍ରଗତିର ନୁହେଁ। ଦୁର୍ଗତିର ଲକ୍ଷଣ ନିଶ୍ଚୟ। ଆଧୁନିକତାର ଶୀର୍ଷରେ ଏବେ ଆମ ସମାଜ। ବିଜ୍ଞାନର ଜୟ ଧ୍ୱଜା ଉଡ଼ାଇ ଆମେ ଏବେ ଗର୍ବିତ। ଜୀବନରେ ପ୍ରତିଟି କଥାକୁ ଯୁକ୍ତି ଏବଂ ବିଜ୍ଞାନର ମାପକାଠିରେ ମାପି ବସିଛୁ। ଅବିଶ୍ୱାସ ଆମ ଚିରସହଚର। ପ୍ରତିଟି କ୍ଷେତ୍ରରେ ଚାହୁଁଛୁ ପ୍ରମାଣ ଆଉ ଯୁକ୍ତି। ପ୍ରମାଣ




ସିଦ୍ଧ କଥାକୁ ସହଜରେ ବିଶ୍ୱାସ କରିନେଉଛୁ। ଯାହାର ପରିମାଣ ଆମେ ଆଜି ଭୋଗ କରୁଛୁ। ମଣିଷ ମଣିଷ ଭିତରେ ବିଶ୍ୱାସ ତୁଟିଗଲେ ଛିଡ଼ିଯାଏ ସମ୍ପର୍କର ସୂତାଖିଅ। ଭାଙ୍ଗିଯାଏ ସମ୍ପର୍କର ସୂତାଖିଅ। ଭାଙ୍ଗିଯାଏ ବିଶ୍ୱାସର ସେଇ ନଭଶ୍ଚୁମ୍ବୀ ଅଟ୍ଟାଳିକା। ଆଉ ଗଢ଼ି ଉଠେ ଅବିଶ୍ୱାସର ଏକ କାଳିମାମୟ ଭୂତକୋଠି। ସେହି ବାତାବରଣରେ ମିଳେ କେବଳ ଅଶାନ୍ତି ଆଉ ଦୁଃଖ। ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅତୀତରେ ଲୋକମାନେ ଯେଉଁ ପ୍ରଥା / ପରମ୍ପରା ଅବଲମ୍ବନ କରୁଥିଲେ ଆମେ ସେ ସବୁକୁ ଲିଭାଇବାକୁ ବସିଲୁଣି। ଯେମିତି ଭାଗବତ ଟୁଙ୍ଗି। ଏହି ଭାଗବତ ଟୁଙ୍ଗି ଝାଟି ମାଟି ନଡ଼ାଛପର ଘରଟିଏ ଥିଲା। ସଞ୍ଜ ନଇଁଗଲେ ଏଠି ଦୀପବତି ଜଳାଇ ଦିଆଯାଏ। ହେଁସ ମଶିଣା ବିଛାଇ ଦିଆଯାଏ। ଗାଁର ଲୋକମାନେ ଶୁଦ୍ଧ ଶୌଚ ଭାବରେ ଧୂଆଧୋଇ ହୋଇ ଚାଲି ଆସନ୍ତି ଏଠାକୁ। ଶଙ୍ଖ, ହୁଳହୁଳି, ହରିବୋଲ ଧ୍ୱନିରେ ମୁଖରିତ ହୁଏ ପରିବେଶ। ପୁରାଣ ପଣ୍ଡାଙ୍କ କଣ୍ଠରୁ ଭାସିଆସେ ଭାଗବତର ଅମୂଲ୍ୟ ପଙ୍କ୍ତି। ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ। ପଦୁ ଗଳୁଛି ମକରନ୍ଦ। ସେ ମକରନ୍ଦ ପାନ କରି, ହେଲେ ତରିଲେ ବ୍ରଜନାରୀ। କହଇ ଜଗନ୍ନାଥ ଦାସ, ମୂଳଟି ଅଟଇ ବିଶ୍ୱାସ। ଏହି ଭାଗବତର ପଦଭିତରେ ଥାଏ ଲୋକଶିକ୍ଷା, ସାମାଜିକ ଚଳଣି ଏବଂ ବିଭିନ୍ନ ନୀତି ନିୟମ। ମଣିଷ ମଣିଷ ଭିତରେ ସ୍ନେହ ସୌହାର୍ଦ୍ଦ୍ୟ ବଢ଼ାଇବା ପାଇଁ ଭାଗବତ ପଦ ବାରମ୍ବାର ସୂଚନା ଦିଏ ଯେପରି - ଯେ ପାଞ୍ଚେ ପରର ମନ୍ଦ, ତା ପାଇଁ ପାଞ୍ଚନ୍ତି ଗୋବିନ୍ଦ। ଭାଗବତ ଟୁଙ୍ଗି ଯେ ଗାଁ ମଝିରେ ବା ସାହି ଭିତରେ ଗୋଟିଏ ନଡ଼ା ଛପର କୁଡ଼ିଆଟିଏ ଥିଲା ତାହା ନୁହେଁ ବରଂ ଏହା ଥିଲା ଗୋଟିଏ ନ୍ୟାୟାଳୟ। ପରସ୍ପର ମଧ୍ୟରେ ଝଗଡ଼ା ଝାଟିର ସମାଧାନ ହୁଏ ଏହି ଭାଗବତ ଟୁଙ୍ଗିରେ। ଭାଗବତ ଟୁଙ୍ଗୀରେ ପୁଣି ବନ୍ଧୁ ବନ୍ଧାଯାଏ। ସମସ୍ତ ମତାନ୍ତର ଓ ମନାନ୍ତରର ସମାଧାନ ହୁଏ ଏହି ଭାଗବତ ଟୁଙ୍ଗିରେ। ଭାଇ-ଭାଇ ଭିତରର ବିଭେଦ ଦୂରୀଭୂତ ହୁଏ ଏହିଠାରେ। ଦୀପଶିଖା ଏବଂ ଭାଗବତ ଗାଦିକୁ ସାକ୍ଷୀ ରଖି ଭୁଲର ପୁନରାବୃତ୍ତି ନକରିବାକୁ ଶପଥ ନିଅନ୍ତି ଦୋଷୀ। ଭାଗବତ ଟୁଙ୍ଗି ଥିଲା ଅତୀତର ଅତିଥିଶାଳା। ଦୂର ବାଟୋଇଟିଏ ସଞ୍ଜ ହେଲେ ଏଇଠି ଆଶ୍ରୟ ନେଉଥିଲା। ପୁଣି ରାତି ପାହିଲେ ଫେରିଯାଉଥିଲା ଗନ୍ତବ୍ୟ ପଥରେ। ଅତିଥି ସତ୍କାର କରିବାକୁ ସାହିର ଲୋକମାନେ ଅତିଥିଙ୍କୁ ବାଢ଼ି ଦିଅନ୍ତି ଛଅ ତରକାରି ନଅ ଭଜା। ସେ କାଳର ଭାଗବତ ଘର ଥିଲା ମନୋରଞ୍ଜନ ସ୍ଥଳୀ। ଭାଗବତ ପରେ ପରେ ଆରମ୍ଭ ହୁଏ କୀର୍ତ୍ତନ ଏବଂ ପରେ ପରେ ଜନସାଧାରଣଙ୍କର ଭଲମନ୍ଦ କଥା। ଏଠାରେ ପର ନିନ୍ଦା ପରଚର୍ଚ୍ଚା କରିବାକୁ ଦିଆଯାଉନଥିଲା। ସନ୍ଧ୍ୟାରେ କୀର୍ତ୍ତନରେ କିଛି ସମୟ ବିତାଇ ଦେଲେ ଲୋକମାନଙ୍କର ମନ ଖୁସି ହୋଇଯାଏ। ଭୁଲି ହୋଇଯାଏ ଦିନମାନର ପରିଶ୍ରମ। କେବଳ ସେତିକି ନୁହେଁ, ଭାଗବତ ଗୃହ ଥିଲା ଏକ ଶିକ୍ଷାୟତନ। ନିରକ୍ଷର ଲୋକମାନେ ଏଇଠି ସାକ୍ଷର ହେଉଥିଲେ। ଦୀପ ଆଲୁଅରେ ମାଟି ସ୍ଲେଟ୍ ଓ ଖଡ଼ି ସାହାଯ୍ୟରେ ଲେଖୁଥିଲେ ବର୍ଣ୍ଣମାଳା। ଆଉ କେତେଜଣ ନିଜର ନାଁ ଦସ୍ତଖତ ଶିଖୁଥିଲେ। ସବୁଠୁ ଭଲ କଥା ହେଲା ପୂର୍ବସନ୍ଧ୍ୟାରେ ଭାଗବତ ଗୃହରେ ପୁରାଣ ପଣ୍ଡା ଯାହା ଆଲୋଚନା କରୁଥିଲେ ସେ ସବୁ ପୁଣି ଆଲୋଚିତ ହେଉଥିଲା କର୍ମକ୍ଷେତ୍ରରେ। ଏହା ଥିଲା ଭାଗବତ ଟୁଙ୍ଗିର ପାଠପଢ଼ା। ଭାଗବତ ଟୁଙ୍ଗି ଥିଲା ତୁଟୁକା ରୋଗର ଚିକିତ୍ସାଳୟ। ବିଭିନ୍ନ ପ୍ରକାର ରୋଗର ଚିକିତ୍ସା ପାଇଁ ଗାଁର ପୁରୁଖା ଲୋକମାନେ ଜଡ଼ିବୁଟି ବା ଚେରମୂଳୀର ଔଷଧ ବତାଇ ଦେଉଥିଲେ। ତାକୁ ବ୍ୟବହାର କରି ଲୋକେ ଅନେକ ମାରାତ୍ମକ ବ୍ୟାଧିରୁ ମଧ୍ୟ ମୁକ୍ତିଲାଭ କରୁଥିଲେ।

ଭାଗବତ ଟୁଙ୍ଗି ଯେ କେବଳ ଭାଗବତ ଟୁଙ୍ଗୀ ହୋଇ ରହିଥିଲା, ତାହା ନୁହେଁ। ଏହା ଥିଲା ସାହିର ପ୍ରାଣକେନ୍ଦ୍ର। ଏବେ ସମୟ ବଦଳିଛି। ବଦଳିଛି ପ୍ରଥା ଆଉ ପରମ୍ପରା। ନୂଆ ମୋଡ଼ ନେଇଛି ଚାଲି, ଚଳଣି ଆଉ ଆଚାର ବ୍ୟବହାର। ପୁରୁଖା ଲୋକଙ୍କୁ ଭାଗବତ ଗାଦିର କଥା କହିଲେ, ସେମାନେ ଅତୀତକୁ ସ୍ୱପ୍ନରେ ସୁଦ୍ଧା ପାଉନାହାନ୍ତି ବୋଲି କହନ୍ତି। ଆଉ ଅତୀତକୁ ହରାଇ ବର୍ତ୍ତମାନର ମାଇଲ ଖୁଣ୍ଟ ନିକଟରେ ଦଣ୍ଡାୟମାନ ବ୍ୟକ୍ତି ଚାହିଁଥାଏ ଆଗାମୀ ସୂର୍ଯ୍ୟାସ୍ତକୁ। ଜୀବନର ଅସ୍ତକାଳୀନ ସୂର୍ଯ୍ୟ କିରଣରେ ସବୁକିଛି ଝାପ୍‌ସା ଦେଖାଯାଏ। ଅତୀତର କଥାପେଡ଼ିକୁ ଖୋଲି ବସିଲେ ତାହା ପୁରାଣ ହୋଇଯାଏ। ସତରେ ସେ ସମୟ କାହିଁ ? ଯେଉଁଠି ସୁନାର ଇତିହାସ ରଚିତ ହୋଇଥିଲା ସେ ବେଳ ଚାଲିଯାଇଛି। ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ / ପଦୁ ଗଳୁଛି ମକରନ୍ଦ ଧ୍ୱନି କ୍ରମଶଃ କ୍ଷୀଣ ପ୍ରାୟ। ଏବେ ଭାଗବତ ଟୁଙ୍ଗୀ ନାହିଁ କିମ୍ବା ନଡ଼ା ଛପର ଘର ନାହିଁ। ସନ୍ଧ୍ୟା ସମୟରେ ଦୀପଟିର ପ୍ରଜ୍ୱଳିତ ଶିଖା ଭିତରେ ଭାଗବତର ଟୁଙ୍ଗିଘରର ପୁରାଣ ପାଠ ଥିଲା ଗ୍ରାମ୍ୟ ବିଚାରାଳୟ ଆଉ ତାହା ହିଁ ଥିଲା ଲୋକ ଅଦାଲତ। ବାସୁଦେବ ଗୋସେଇଁଙ୍କୁ ପ୍ରଣିପାତ ହୋଇ ଭଗବତ ଚେତନା ସହ ଫେରୁଥିଲେ ଲୋକେ। କଟକ,

ମୋ : ୯୪୩୭୦୫୧୯୫୭

# ପୋର୍ଟବ୍ଲେୟାରରୁ ଶ୍ରୀବିଜୟପୁରମ : ମାନସିକ ଦାସତ୍ୱରୁ ମୁକ୍ତି ଆଡକୁ ଆଉ ପାଦେ

ଡ. ସମନ୍ୱୟ ନନ୍ଦ

ଇଂରେଜମାନଙ୍କର ଏହି ଔପନିବେଶିକ କାର୍ଯ୍ୟରେ ସହାୟତା କରିଥିବାରୁ ସେମାନେ ତାଙ୍କୁ ସମ୍ମାନ ଜଣାଇ ଏହି ସହରର ନାମ ପୋର୍ଟ ବ୍ଲେୟାର କରିଥିଲେ ।

ହେଲେ ଏହି ଆଣ୍ଡାମାନ ନିକୋବର ଦ୍ୱୀପପୁଂଜର ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ଅନନ୍ୟ ସ୍ଥାନ ରହିଛି । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରଥମେ ଏହି ମାଟିରେ ଭାରତର ସ୍ୱାଧୀନତାର ଧ୍ୱଜା ଉତ୍ତୋଳନ କରିଥିଲେ । ସେହିପରି ମହାନ ବିପ୍ଳବୀ ବୀର ସାବରକର ଏଠାରେ ଥିବା ସେଲୁଲାର ଜେଲରେ କଳାପାଣି ଦଣ୍ଡ ଭୋଗିଲା ବେଳେ ଅନେକ ବର୍ଷ ବିତାଇଥିଲେ ।

ଅଣ୍ଡାମାନ ଓ ନିକୋବର ଦ୍ୱୀପପୁଂଜର ଇତିହାସ କେବଳ ଯେ ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମ ସହ ଜଡିତ ତାହା ନୁହେଁ ବରଂ ଏହି ଦ୍ୱୀପ ଦକ୍ଷିଣ ଭାରତର ଚୋଳ ସାମ୍ରାଜ୍ୟ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ନୌସୈନିକ ଅଡ୍ଡା ଭାବେ ରହିଥିଲା । ଚୋଳ ସାମ୍ରାଜ୍ୟ ସମୟରେ ଏହି ଦ୍ୱୀପ ଭାରତର ସାମୁଦ୍ରିକ ବାଣିଜ୍ୟ ଓ ସୈନ୍ୟ ରଣନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା । ଐତିହାସିକମାନଙ୍କ ମତରେ ଚୋଳ ରାଜା ମାନଙ୍କର ନୌସେନା ଏଠାରୁ ଦୂର – ଦୂର ପର୍ଯ୍ୟନ୍ତ ସାମୁଦ୍ରିକ ଅଭିଯାନ ଚଳାଉଥିଲେ। ଏହି ଦ୍ୱୀପର ଭୌଗୋଳିକ ସ୍ଥିତି କାରଣରୁ ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗ ଓ ସୈନ୍ୟ ଅଡ୍ଡା ଭାବେ ରହି ଆସିଥିଲା । କେବଳ ଏତିକି ନୁହେଁ ଆଜି ମଧ୍ୟ ଏହି ଆଣ୍ଡାମାନ ନିକୋବର ଦ୍ୱୀପପୁଂଜ ଭାରତୀୟ ସେନା ଓ ନୌସେନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ କେନ୍ଦ୍ର ହୋଇଛି । ଏହା ପୂର୍ବରୁ ମଧ୍ୟ ମାନସିକ ଗୋଲାମୀରୁ ମୁକ୍ତି ପାଇଁ ମୋଦି ସରକାର ୨୦୧୮ ମସିହାରେ ରୋସ ଦ୍ୱୀପର ନାମକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ, ନିଲ ଦ୍ୱୀପକୁ ଶହୀଦ ଦ୍ୱୀପ ଓ ହେବଲକ ଦ୍ୱୀପକୁ ସ୍ୱରାଜ ଦ୍ୱୀପ ଭାବେ ନାମିତ କରିଥିଲେ । ଏହା ପରେ ୨୦୨୩ ମସିହାରେ ପରାକ୍ରମ ଦିବସ ଅବସରରେ ପ୍ରଧାନମନ୍ତ୍ର ମୋଦି ଏହି ଦ୍ୱୀପପୁଂଜର ୨୧ଟି ଦ୍ୱୀପର ନାମ ପରମବୀର ଚକ୍ର ବିଜେତା ମାନଙ୍କର ନାମରେ ନାମିତ କରିଥିଲେ । ତେଣୁ ମୋଦି ସରକାର ମାନସିକ ଦାସତ୍ୱରୁ ମୁକ୍ତି ପାଇଁ ଆରମ୍ଭ କରିଥିବା ଏହି ପ୍ରକ୍ରିୟାକୁ ନିରନ୍ତର ଜାରି ରଖିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପଂଚ ପ୍ରାଣ ପାଇଁ ଆହ୍ୱାନ ଦେଇଥିଲେ । ଏଥି ମଧ୍ୟରୁ ଗୋଟିଏ ଥିଲା ଗୋଲାମୀର ପ୍ରତୀକ ଓ ମାନସିକତାରୁ ମୁକ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନର କ୍ରମରେ ପୋର୍ଟବ୍ଲେୟାରର ନାମ ପରିବର୍ତ୍ତନ କରାଯାଇ ଏହାର ନାମ ଶ୍ରୀବିଜୟପୁରମ କରାଯାଇଛି । ଏହି ଗୋଟିଏ ପଦକ୍ଷେପ ଦ୍ୱାରା ଅନେକ ବାର୍ତ୍ତା ଗୋଟିଏ ଥରରେ ଦିଆଯାଇଛି । ଦାସତ୍ୱର ପ୍ରତୀକ ଭାବେ ନାମକରଣ କରାଯାଇଥିବା ଇଂରେଜ ନୌସେନା ଅଧିକାରୀ ବ୍ଲେୟରର ନାମକୁ ପୋଛି ଭାରତର ପ୍ରାଚୀନ ଇତିହାସରୁ ଚୋଳ ରାଜାମାନଙ୍କର ବୀରତ୍ୱ ଠାରୁ ଆରମ୍ଭ କରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଦେଶର ସ୍ୱାଧୀନତା ପାଇଁ ଅକଥନୀୟ ଅତ୍ୟାଚାର ସହନ କରି ସେଲୁଲାର ଜେଲରେ କଳାପାଣି ଦଣ୍ଡ ପାଇଥିବା ସ୍ୱାତନ୍ତ୍ର୍ୟବୀର ବିନାୟକ ଦାମୋଦର ସାବରକର ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସ୍ମରଣେ କରାଇ ଶ୍ରୀବିଜୟପୁରମ ଭାବେ ନାମିତ କରାଯାଇଛି । ଏହି କାର୍ଯ୍ୟ ଖୁବ ପୂର୍ବରୁ ହେବାର ଥିଲା । ବିଳମ୍ବରେ ହେଲେ ସୁଦ୍ଧା ଏହା ସ୍ୱାଗତଯୋଗ୍ୟ। ଭାରତ ସରକାରଙ୍କର ଏହି ନିଷ୍ପତ୍ତି ଦେଶକୁ ମାନସିକ ଗୋଲାମୀରୁ ମୁକ୍ତ କରିବା ଦିଗରେ ଅଗ୍ରସର କରାଇବ, ଏଥିରେ ତିଳେ ହେଲେ ସନ୍ଦେହ କାହା ମନରେ ରହିବା ଉଚିତ ନୁହେଁ । ଏଭଳି ଅନେକ କାମ ଅଛି ଯାହାକୁ ଖୁବ ଶୀଘ୍ର ଆଗାମୀ ଦିନରେ କରିବାର ଆବଶ୍ୟକତା ରହିଛି । ଭାରତ ସରକାରଙ୍କ ଏହି ନିଷ୍ପତ୍ତି ଗୋରା ଇଂରେଜମାନଙ୍କୁ କଷ୍ଟ ଦେଉ ନ ଥିବ, ହେଲେ ମାନସିକ ଦାସତ୍ୱର ଶିକାର ଥିବା ଭାରତୀୟମାନଙ୍କ ମନରେ ନିଶ୍ଚିତ ଭାବେ କଷ୍ଟ ଦେଉଥିବ ଏଥିରେ ସନ୍ଦେହ ନାହିଁ । ଏହାର ପ୍ରତିଫଳନ ମଧ୍ୟ କିଛି ଦିନ ମଧ୍ୟରେ ଦେଖିବାକୁ ମିଳିପାରେ । (ଶେଷଭାଗ)

# ଚିଲିକା: ମୁଗ୍ଧ ରୂପଶିଳ୍ପୀ ଗୋପବନ୍ଧୁ

ଡ. ବିଭୂତି ଭୂଷଣ ଆଚାର୍ଯ୍ୟ

**ପ୍ରକୃତିର ସୁଷମା ବିମଣ୍ଡିତ ଦୃଶ୍ୟକୁ ସନ୍ଦର୍ଶନ କରି କବି ଅଭିଭୂତ ହୋଇଛନ୍ତି। 'ସୁଖ ଶାନ୍ତି ପ୍ରୀତି କାହିଁ ଏ ମଧ୍ୟରେ / ନ ପାଇଲେ ଯଥା କଳ୍ପନା ମିଳେ ତୋହ ଠାରେ।' ଅନ୍ୟତ୍ର କବି ଗୋପବନ୍ଧୁଙ୍କ ଏହି କାଳଜୟୀ କବିତାର ପଂକ୍ତି ବେଶ୍ ଲୋଭନୀୟ ହୋଇଉଠିଛି । 'ଜୀବନ କି ଖାଲି ନିରାଶାର ବାଲି / ମରୁ ମରୀଚିକା ସେନେହ ପ୍ରୀତି / ତେବେ କି ଆଶାରେ କହ ଏ ସଂସାରେ / ପର ଲାଗି ନର ମରୁଛି ନିତି।'**

ଜାତୀୟବାଦୀ କବି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ 'ଚିଲିକା'କୁ ନେଇ ଅନେକ କବିତା ରଚି ଯାଇଛନ୍ତି । ହଜାରୀବାଗ ଜେଲରେ ବନ୍ଦୀ ଜୀବନ ବିତାଉଥିବା ବେଳେ ରଚନା କରିଥିବା 'ରେଳ ଉପରେ ଚିଲିକା ଦର୍ଶନ' ଓ 'ବନ୍ଦୀର ସ୍ୱଦେଶ ଚିନ୍ତା' ଗୋପବନ୍ଧୁଙ୍କ ଅନ୍ୟତମ ସାର୍ଥକ ଗୀତି କବିତା । ୧୯୦୭ ମସିହା ଜାନୁଆରୀ-ଫେବୃଆରୀ 'ମୁକୁର' ୧/୧୦-୧୧ ସଂଖ୍ୟାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କାଳଜୟୀ ସ୍ମରଣୀୟ କବିତା 'ରେଳ ଉପରେ ଚିଲିକା ଦର୍ଶନ' ଆତ୍ମପ୍ରକାଶ କରିଥିଲା ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୂର୍ବସୂରୀ କବିବର ରାଧାନାଥ ରାୟଙ୍କ ବିରଚିତ 'ଚିଲିକା' ଖଣ୍ଡକାବ୍ୟରେ 'ଉତ୍କଳର ତୁହି ଚାରୁ ଅଳଙ୍କାର / ଉତ୍କଳ ଭୁବନେ ଶୋଭାର ଭଣ୍ଡାର ।' ବର୍ଣ୍ଣିଥିବା ବେଳେ ଗୋପବନ୍ଧୁ 'ରହ ରହ କ୍ଷଣେ ବାଷ୍ପୀୟ ଶକଟ / ଦେଖିବି ଚିଲିକା ଚାରୁ ଚିତ୍ରପଟ । / ଚିତ୍ର ମଣେ ଯେଣୁ ନାହିଁ ଅନୁଭବ / ବାସ୍ତବ ବିଶ୍ୱେ କି ଏ ଛବି ସମ୍ଭବ ?' କଥା କହି ଆଚମ୍ବିତ ହୋଇଛନ୍ତି । ପୁନଶ୍ଚ କବି ବିଭୋର କଣ୍ଠରେ ଗାଇ ଉଠିଛନ୍ତି : 'ନୀଳ ବିଚିମାଳା ଧୀରେ ଧୀରେ ଯାଏ / ଲାଗଇ ସ୍ୱପନ ଦେଖିଲା ପରାଏଁ।' ନୀଳ ଢେଉ ସେଠି ତରଙ୍ଗ ଖେଳେ । ସ୍ୱପ୍ନ କି ବାସ୍ତବ, ତାହା ଭାଳି କବି ଆଶ୍ଚର୍ଯ୍ୟ ଚକିତ।



'ନାନା ସ୍ଥାନେ ନାନା ରଙ୍ଗେ ଦିଶେ କାୟା

ପ୍ରକାଶି ଚିଲିକା, କରୁ କେତେ ମାୟା ।

ଉତ୍କଳର ତୁହି ସୌନ୍ଦର୍ଯ୍ୟର ଖଣି

ସାରସ୍ୱତ ନେତ୍ରେ ବାଛି ତହୁଁ ମଣି ।' ରକ୍ତବାହୁର ଆକ୍ରମଣ, ଶ୍ରୀଜଗନ୍ନାଥଙ୍କ ବିସ୍ଥାପନ କଥା ଏଠି ମଧ୍ୟ କବିଙ୍କର ମନକୁ ଆସିଛି। ଜୀବନଚିନ୍ତା ସମସ୍ତଙ୍କୁ ଯେଭଳି ଘାରିଥାଏ, ସେହିପରି କବି ମାନସକୁ ମଧ୍ୟ ଆନ୍ଦୋଳିତ କରିଛି ।

ସେଇଥି ପାଇଁ ତ କବି ଗୋପବନ୍ଧୁ ଗାଇ ଉଠିଛନ୍ତି :

'ରହି ତା' ଜଞ୍ଜାଳ ବିଷମ ଜଗତେ

ସଂସାର ସୋଦର ବାନ୍ଧବ ସଙ୍ଗତେ ।' କଳ୍ପନାଠୁଁ ବି ଅତୀବ ସୁନ୍ଦର ତା' ତନୁ । ଚିତ୍ରକରର ଚିତ୍ରପଟ ଠାରୁ ମଧ୍ୟ ଅଧିକ ମନୋରମ । 'କଳ୍ପନା ଚିତ୍ରିତ ତା' ସୁନ୍ଦର ତନୁ / କାଳେ କାଳେ ଆଉ ନ ଯିବ ମୋ ମନୁ ।'

ଈଶ୍ୱରଙ୍କ ଏହା ଏକ ଚମତ୍କାର ସୃଷ୍ଟି । ପ୍ରକୃତିର ସୁଷମା ବିମଣ୍ଡିତ ଦୃଶ୍ୟକୁ ସନ୍ଦର୍ଶନ କରି କବି ଅଭିଭୂତ ହୋଇଛନ୍ତି। 'ସୁଖ ଶାନ୍ତି ପ୍ରୀତି କାହିଁ ଏ ମଧ୍ୟରେ / ନ ପାଇଲେ ଯଥା କଳ୍ପନା ମିଳେ ତୋହ ଠାରେ।' ଅନ୍ୟତ୍ର କବି ଗୋପବନ୍ଧୁଙ୍କ ଏହି କାଳଜୟୀ କବିତାର ପଂକ୍ତି ବେଶ୍ ଲୋଭନୀୟ ହୋଇଉଠିଛି । 'ଜୀବନ କି ଖାଲି ନିରାଶାର ବାଲି / ମରୁ ମରୀଚିକା ସେନେହ ପ୍ରୀତି / ତେବେ କି ଆଶାରେ କହ ଏ ସଂସାରେ / ପର ଲାଗି ନର ମରୁଛି ନିତି।'

କ୍ଷଣଭଙ୍ଗୁର ସଂସାରରେ ମଣିଷ ଜୀବନ ପାଣି ଫୋଟକା ସମ । ସାରୁପତ୍ର ଅବା ପଦ୍ମପତ୍ରରେ ପାଣି ତୁଲ୍ୟ । କବି ତାଙ୍କ ବିଷାଦିତ ପ୍ରାଣର ସଂଗୀତ ଗାଇଛନ୍ତି। 'ଆଜି ଲୋ ଚିଲିକା କଳ୍ପନା ପ୍ରଭାତେ / ପୂରଇ ମୋ ମନ ଆହା କେତେ ଭାବେ। / ତୋ ମଧୁର ନାମେ ରହିଛି ଜଡ଼ିତ / ଗଉରକାନ୍ତି ଯୁତ ଉତ୍କଳ ଅତୀତ ।'

'ଚିଲିକା' ସତରେ ଏକ ଅପରୂପା ସୁନ୍ଦରୀ । କବି ଗୋପବନ୍ଧୁଙ୍କ ଭାଷାରେ... 'ସୁଦକ୍ଷ ବିଧାଣି ରଚି ଯେଉଁ ହାର / ଅର୍ପିଲେ ଉତ୍କଳ ଭାରତୀ ଗଳାର । / ଚିରଦିନ ତାହା ରାଜିବ ରୁଚିର / ତା' ଦେଖି ଭାବୁକେ ଲୋଡ଼ିବେ ତୋ ତୀର ।'

ଉତ୍କଳ ଭାରତୀଙ୍କ ଏହା ଉତ୍ତମାଙ୍ଗ । ଏକ ରୁଚିର ଅଳଙ୍କାର । କବି ନିକାଞ୍ଚନରେ ଏକା ଏକା ଆସି ଚିଲିକାର ରୂପରାଜି ଦେଖିବାକୁ ମନସ୍ଥ କରିଛନ୍ତି । ସୌନ୍ଦର୍ଯ୍ୟର ପୂଜାରୀ ସାଜି କବି ଗୋପବନ୍ଧୁ ନିରନ୍ତର ଚିଲିକା ସୁନ୍ଦରୀକୁ ଲୋଡ଼ିଛନ୍ତି । ପୂର୍ବ ସୂରୀଙ୍କ ବୀରତ୍ୱ ଗାଥା ବଖାଣିଛନ୍ତି ଯେପରି... 'କାହିଁ ଗଲା ପୂର୍ବ ଓଡ଼ିଆ ବୋଇତ / କାହିଁ ସେ ନାବିକ ଉଦ୍ଦାମ ସଂଗୀତ । / କଥାରେ ରହିଛି ସବୁ ଆଜି ଯାଏଁ / ସାଧବାଣୀ ବୋହୂ ବୋଇତ ବନ୍ଦାଏ।' ନୌବାଣିଜ୍ୟ ପରମ୍ପରା କଥା ଏଠାରେ ପ୍ରକୀର୍ତ୍ତିତ । ଜୀବନର ଆଶା ଅବସାଦର ମୂର୍ତ୍ତ ପ୍ରତିରୂପ 'ଚିଲିକା'ରେ ପ୍ରକାଶିତ । ରାଧାନାଥଙ୍କ 'ଚିଲିକା'ବୃତ୍ତରେ ଏହା ରଚିତ।

'ଚିଲିକା'ର ରୂପଶୋଭା 'ତୋ ନୀଳ ତରଙ୍ଗେ ଖୋଜେ ନିରନ୍ତର / ଅନୁପମ ଦିବ୍ୟ ହିରଣ୍ମୟ କର । /ଚାରୁ ଶକ୍ରରୂପ ତୋ'ର ବକ୍ଷ ସ୍ଥଳେ / ନାଚେ ଶତ ଶତ ମୋ କଳ୍ପନା ବଳେ । / କଳ୍ପନା ଚିତ୍ରିତ ତୋ ସୁନ୍ଦର ତନୁ / କାଳେ କାଳେ ଆଉ ନ ଯିବ ମୋ ମନୁ ।'

ଅତୀତର ଗୌରବ ଗାଥା କବିଙ୍କ ମନ ଓ ପ୍ରାଣକୁ ଉଦ୍‌ବେଳିତ କରିଛି । ଅଧୋଗତିର ଚିତ୍ର ମଧ୍ୟ ହେଜିଛନ୍ତି । ଶ୍ରୀଜଗନ୍ନାଥଙ୍କ ମହିମାକୁ କିପରି ବିସ୍ଥାପନରେ ରୂପାନ୍ତରିତ କରାଯାଉଛି ; ତାହାର ସୁନ୍ଦର ଚିତ୍ର ଦେବାକୁ ଦେବାକୁ କବି ଭୁଲି ନାହାନ୍ତି । ଉତ୍କଳର ଅସହାୟତା ଦେଖି କବିପ୍ରାଣ ବ୍ୟଥିତ ହୋଇଉଠିଛି । ବିହାରର ହଜାରୀବାଗ ଜେଲରୁ ଦୀର୍ଘଶ୍ୱାସ ମାରି ସେ ଏ କଥା ଉଠାଇଛନ୍ତି । ବିଦେଶରେ ଥାଇ ସୁଦ୍ଧା ପ୍ରବାସରୁ କବିଙ୍କୁ ଚିଲିକା ଚିନ୍ତା ଘାରିଛି। କବିଙ୍କ ଅନ୍ତରାତ୍ମା ବିଳପି ଉଠିଛି। ଅଭିସାରିକା ଚିଲିକା, ମୁକ୍ତକେଶୀ ଚିଲିକା, ନୀଳ ଜଳରାଶି କଳାବେଣୀ ପିନ୍ଧିଥିବା ଚିଲିକାର କଥା ଓ ବ୍ୟଥା କବିକଣ୍ଠରେ ବିଭୋର ଦର୍ଶନିକତାର ସ୍ପର୍ଶରେ ପ୍ରାଣସ୍ପର୍ଶୀ ହୋଇଉଠିଛି। 'ଦେଖୁଥିବ ଖଣ୍ଡେ ଦୂରେ ସୋଲରୀ / ମାଛରଙ୍କା ହଂସ ଶଣ୍ଡାକ ସାରସ / ନାନା ଜାତି ଖଗ ଖଚିତ ମାଳି । / ଚିଲିକା ବକ୍ଷରେ ଦୋଳିଥିବ ଯଥା / ନୀଳ ମେଘେ ଧାଡ଼ି ଧାଡ଼ି ବକାଳି । / ଫେଡ଼ି ମୀନ ନେତ୍ର ଓଲଟାଇ ଗାତ୍ର / ଚାହିଁଲା ବେଳକୁ ଚିଲିକା ପୁଣ / ଶୈଳ ପ୍ରତିଘାତେ ସରମେ ତୁରିତେ / ଚାଲିଲା ବଢ଼ାଇ ଗତି ଦି' ଗୁଣ ।'

କନ୍ଧମାଳ-୭୬୨୧୦୩,

ମୋ : ୯୪୩୭୬୪୫୮୧୩

# କଚ୍ଛପ ଗତିରେ ଚାଲିଛି ମେଗା ପାନୀୟ ଜଳ ପ୍ରକଳ୍ପ

କୁଚିଣ୍ଡା,୧୬।୯ (ନିପ୍ର): ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ପିଇବା ପାଣି ଯୋଗାଇ ଦେବାକୁ କେନ୍ଦ୍ର ସରକାର ହରଘର ଜଳ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ୨୦୨୨/୨୩ ମସିହାରୁ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ କାମର ଗ୍ରାଫ ଉପରମୁହାଁ ହେବା ପରିବର୍ତ୍ତେ ଆରଡବ୍ଲ୍ୟୁଏସଏସ (ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ) କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁଁ ନିମ୍ନଗାମୀ ହେଉଥିବା ଦେଖିବାକୁ ମିଳିଛି । ଜଳଯୋଗାଣ ପାଇଁ ୫୦ ପ୍ରତିଶତ ପାଇପ ବିଛା କାମ ସରିଥିଲେ ହେଁ ବାକି ୫୦ପ୍ରତିଶତ କାମ ବିଭାଗୀୟ ଅନୁମୋଦନ ବିଳମ୍ବ ଯୋଗୁଁ ଅଟକି ରହିଛି । ସେହିପରି ସିଡବ୍ଲୁଆର (କ୍ଲିୟର ୱାଟର ରିଜର୍ଭର) ,ଆଇବିପିଏସ (ଇଣ୍ଟରନାଲ ବୁଷ୍ଟିଙ୍ଗ ପମ୍ପ ସିଷ୍ଟମ), ପମ୍ପ ଡିଜାଇନ,ଜାତୀୟ ରାଜପଥ ଅନୁମତି, ବିଦ୍ୟୁତ ସବଷ୍ଟେସନ ଆଦି ଅନୁମୋଦନ ଓ ମଞ୍ଜୁରୀ ହୋଇନଥିବାରୁ କାମ ଆଗେଇ ପାରୁ ନଥିବା ଠିକା ସଂସ୍ଥା କହୁଛି । ଖୋଦ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଏଭଳି ବିଭାଗୀୟ ବ୍ୟତିକ୍ରମ ଯୋଗୁଁ ଧାର୍ଯ୍ୟ ଅବଧି ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ମେଗା ପାନୀୟଜଳ ପ୍ରକଳ୍ପ ଟେଣ୍ଡର ପାଇଥିବା ଠିକାସଂସ୍ଥାକୁ ବିଭାଗୀୟ କର୍ତ୍ତୃପକ୍ଷ ସହଯୋଗ କରୁ ନଥିବାରୁ ପ୍ରକଳ୍ପ କାମ ମନ୍ଥରଗତିରେ ଚାଲିଥିବା କୁହାଯାଉଛି । ମିଳିଥିବା ସୂଚନା ଅନୁସାରେ,ବାମରା ବ୍ଲକର ୧୭ ଓ କୁଚିଣ୍ଡା ବ୍ଲକର ୧୩ ପଞ୍ଚାୟତ ଏଭଳି ୩୦ ପଞ୍ଚାୟତକୁ ନେଇ ମେଗା ପାନୀୟଜଳ ଯୋଗାଣ ପାଇଁ ଏକ ଠିକାସଂସ୍ଥା ୧୬୨କୋଟି ୯୮ଲକ୍ଷ ୬୪ ହଜାର ୫୭୭ ଟଙ୍କା ମୂଲ୍ୟର ଟେଣ୍ଡର ନେଇ କାମ ଆରମ୍ଭ କରିଛି । ଏହି ଦୁଇଟି ବ୍ଲକର ୨୧୭ ଗୋଟି ଗ୍ରାମର ପ୍ରତି ଘରକୁ ପାଇପ ଯୋଗେ ପିଇବା ପାଣି ସଂଯୋଗ ହେବାର ପ୍ରାବଧାନ ରହିଥିବା ବେଳେ ଏଥିରେ ସମୁଦାୟ ୨ଲକ୍ଷ ୭୫ହଜାର ୧୭୮ଲୋକ ଉପକୃତ ହେବେ । ୨୦୨୨ ଜୁନ ମାସରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୪ ଜୁନ ୭ରେ ଏହା ସଂପୂର୍ଣ୍ଣ କରିବାକୁ ଠିକାସଂସ୍ଥା ଚୁକ୍ତିନାମା କରିଥିଲା । ମାତ୍ର ବିଭାଗୀୟ ତ୍ରୁଟି ଜନିତ କାରଣରୁ ଏହା ସଂଶୋଧନ ହୋଇ ୨୦୨୫ ଜୁନ ୭ତାରିଖରେ ପ୍ରକଳ୍ପ କାମ ସମାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି । ଝାରସୁଗୁଡ଼ା ଜିଲ୍ଲା ଇବ ନଦୀରୁ ଜଳ ଯୋଗାଣ ହୋଇ ଲଇକେରା ବ୍ଲକର ବରହାମୂଣ୍ଡା ଏବଂ କୁଚିଣ୍ଡା ବ୍ଲକର ଜୁନାନୀ ଠାରେ ପ୍ରାୟ ୨୦ ଇଏମଏଲଡି ସଂରକ୍ଷଣ ବିଶିଷ୍ଟ ଟାଙ୍କିରୁ ଏହା ବାମରା ବ୍ଲକର ୧୭ଗୋଟି ଏବଂ କୁଚିଣ୍ଡା ବ୍ଲକର ୧୩ଗୋଟି ପଞ୍ଚାୟତକୁ ଜଳଯୋଗାଣ ପାଇଁ ଯୋଜନା ରହିଛି । ଏଥିପାଇଁ ୩୦ ଗୋଟି ପଞ୍ଚାୟତରେ ଗୋଟିଏ ଲେଖାଏଁ ସୁଉଚ୍ଚ ଜଳ ସଂରକ୍ଷଣ ଟାଙ୍କିରୁ ପ୍ରତି ଘରକୁ ଜଳ ଯୋଗାଣ ବ୍ୟବସ୍ଥା ରହିଥିବାରୁ ଟାଙ୍କି କାମ ନିର୍ମାଣ ଚାଲିଛି । ଏହାଛଡା ଜଳ ଯୋଗାଣ ପାଇଁ ବିଭିନ୍ନ ଗ୍ରାମରେ



ପାଇପ ବିଛା କାମ ମଧ୍ୟ ଚାଲିଛି । ଚୁକ୍ତିନାମା ମୁତାବକ ପାଇପ ଲାଇନ କାମ ୫୦ ପ୍ରତିଶତ ସରିଥିବା ବେଳେ ଆଉ ୫୦ ପ୍ରତିଶତ ବିଭାଗୀୟ ମଞ୍ଜୁରି ମିଳି ନଥିବା ଯୋଗୁଁ କାମ ଅଟକି ରହିଥିବା କୁହାଯାଉଛି । ସେହିପରି ବାମରା ବ୍ଲକର ବାବୁନିକ୍ତିମାଲ,ରଙ୍ଗିଆଟିକିରା, କୁଟାରିମାଲ ଓ କୁଚିଣ୍ଡା ବ୍ଲକର କେବଳ କୁଟୁରାଚୁଆଁ ପଞ୍ଚାୟତର ଟାଙ୍କି କାମ ସରିଥିବା ଦେଖିବାକୁ ମିଳିଥିବା ବେଳେ ୧୦ ରୁ ୧୨ ଟି ଟାଙ୍କି କାମ ବଟମ ଲେଭେଲ ପର୍ଯ୍ୟନ୍ତ ଯାଇଛି । ଅଧିକାଂଶ ଟାଙ୍କି କାମ ୫୦ ପ୍ରତିଶତ ତଳେ ଥିବା ବେଳେ କେତେକ ପଞ୍ଚାୟତରେ କେବଳ କଲମ୍ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି । ରବଗା,ବାଙ୍କେ ଓ କୁଲେଇଗଡ ପଞ୍ଚାୟତରେ ଏପର୍ଯ୍ୟନ୍ତ ଟାଙ୍କି କାମ ଆରମ୍ଭ ହୋଇନଥିବା ଦେଖାଯାଇଛି । ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ଟେଣ୍ଡର ନେଇଥିବା ଠିକାସଂସ୍ଥାକୁ ଡିଜାଇନ ସହ ଲେଆଉଟ ଦେଇ କାମ ପାଇଁ ବିଭାଗ ପକ୍ଷରୁ ଜମି କ୍ଲିଅରାନ୍ସ କରି କାମ ତ୍ୱରାନ୍ୱିତ କରିବା ବଦଳରେ ଆରଡବ୍ଲ୍ୟୁଏସଏସ ବିଭାଗ ଆଦୌ ସହଯୋଗ କରୁ ନଥିବା ଯୋଗୁଁ ପ୍ରକଳ୍ପ କାମରେ ସେଭଳି ଆଶାନୁରୂପ ଅଗ୍ରଗତି ପରିଲକ୍ଷିତ ହେଉ ନାହିଁ ।କାମ ଆରମ୍ଭରୁ ପ୍ରାୟ ଦୁଇ ବର୍ଷ ଅତିକ୍ରାନ୍ତ ହୋଇଥିବା ବେଳେ ୨୦୨୫ ଜୁନ ୭ରେ କାମ ସଂପୂର୍ଣ୍ଣ ପାଇଁ ଅବଧି ରହିଛି । ତେବେ ଦୁଇବର୍ଷରେ ମୋଟା ମୋଟି ଭାବେ ପ୍ରାୟ ୪୦ ପ୍ରତିଶତ କାମ ହୋଇଥିବା ବେଳେ ଆଉ ମାତ୍ର ୧୧ ମାସ ମଧ୍ୟରେ ଏହା କିଭଳି ସମ୍ପୂର୍ଣ୍ଣ ହେବ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ପାଇପ ଲାଇନ, ସିଡବ୍ଲୁଆର, ଆଇବିପିଏସ, ପମ୍ପ ଡିଜାଇନ, ଜାତୀୟ ରାଜପଥ ଅନୁମତି ସହ ବିଦ୍ୟୁତ ସବଷ୍ଟେସନ ପାଇଁ ଏ ପର୍ଯ୍ୟନ୍ତ ଅନୁମୋଦନ ହୋଇ ପାରିନାହିଁ । ବାରମ୍ବାର ଅନୁରୋଧ ପରେ ବି ଏହାର ଅନୁମୋଦନ ଓ ମଞ୍ଜୁରି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତତ୍ପରତା ଦେଖାଉ ନଥିବାରୁ କାମର ଅଗ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଠିକାସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜର କହନ୍ତି । ପ୍ରକାଶ ଥାଉକି କୁଚିଣ୍ଡା ବ୍ଲକ ଜୁନାନୀ ଏବଂ ସିଧାସଳଖ ବାମରା ବ୍ଲକର ୧୭ ଟି ପଞ୍ଚାୟତକୁ ଏବଂ ଲଇକେରା ବ୍ଲକର ବରହାମୂଣ୍ଡାର ସଂରକ୍ଷଣ ଟାଙ୍କି ମାଧ୍ୟମରେ ବାମରା ଓ କୁଚିଣ୍ଡା ବ୍ଲକର ୩୦ପଞ୍ଚାୟତକୁ ଜଳ ଯୋଗାଣ ନିମନ୍ତେ ଯୋଜନା ହୋଇଥିଲା । ମାତ୍ର ଠିକାସଂସ୍ଥା ସହିତ ନୂଆଁଡିହି ଠାରେ ଜଳସଂରକ୍ଷଣ ଟାଙ୍କି ନିର୍ମାଣ ପାଇଁ ଚୁକ୍ତି କରାଯାଇଛି । ଏଣୁ ଠିକା ସଂସ୍ଥା ନୂଆଁଡିହି ଠାରେ ଜଳ ସଂରକ୍ଷଣ ଟାଙ୍କି ନିର୍ମାଣ କରିଛି । ମାତ୍ର ପରବର୍ତ୍ତୀ ସମୟରେ ଆରଡବ୍ଲ୍ୟୁଏସଏସ ପକ୍ଷରୁ ଏହାର ପରିବର୍ତ୍ତନ କରି କୁଚିଣ୍ଡା ବ୍ଲକର ଜୁନାନୀ ଠାରେ ଏକ ନୂତନ ଜଳସଂରକ୍ଷଣ ଟାଙ୍କି ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଇଛି । ଏପରି ସ୍ଥଳେ ଆରଡବ୍ଲ୍ୟୁଏସଏସର ଏଭଳି ଦୋମୁହାଁ ନୀତି ଯୋଗୁଁ ଠିକାସଂସ୍ଥାକୁ କ୍ଷତିର ଶିକାର ହେବାକୁ ପଡିଥିବା ଠିକାସଂସ୍ଥା ପକ୍ଷରୁ କୁହାଯାଇଛି । ଏ ସମ୍ପର୍କରେ କୁଚିଣ୍ଡା ଆରଡବ୍ଲ୍ୟୁଏସଏସ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନେବାରେ ବର୍ଷା ଯୋଗୁଁକାମ ଆଗେଇ ପାରୁନଥିବା କହିଅନ୍ୟ ବିଷୟର ଅନୁମୋଦନ ଓ ମଞ୍ଜୁରି ବାବଦରେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନାହାନ୍ତି ।

## ବାଇକ ସହ ମଦ ଜବତ, ଜଣେ ଗିରଫ

ଖଣ୍ଡପଡା,୧୬।୯(ନି.ପ୍ର)–ଖଣ୍ଡପଡା ପୋଲିସ ବରଡାବାରୀ ଛକରେ ଅଚାନକ ଚଢାଉ କରି ଚୋରାରେ ଦେଶୀ ମଦ ଚାଲାଣ କରୁଥିବା ଅଭିଯୋଗରେ ସନାତନ ପରିଡାଙ୍କୁ ଗିରଫ କରିବା ସହ ତା ଠାରୁ ୧୦ ଲିଟର ଦେଶୀ ମଦ ଜବତ କରିଥିବା ଜଣାପଡିଛି । ସନାତନର ଘର ଭାପୁର ଅଞ୍ଚଳରେ ବୋଲି ପୋଲିସ ସୂଚନା ଦେଇଛି । ଭାପୁର ଅଞ୍ଚଳରୁ ଏକ ବାଇକରେ ଦେଶୀ ମଦ ନେଇ ଖଳିସାହି ଅଭିମୁଖେ ଯାଉଥିବା ବେଳେ କୌଣସି ବିଶେଷ ସୁତ୍ରରୁ ପୋଲିସ ସୂଚନା ପାଇଥିବା ଏସଆଇ ଉପେନ୍ଦ୍ର କୁମାର ଦିଗଲଙ୍କ ଠାରୁ ପ୍ରକାଶ । ପୋଲିସ ବାଇକଟିକୁ ଜବତ କରିଥିବା ବେଳେ ଖଣ୍ଡପଡା ଥାନାରେ ଏ ସଂପର୍କରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

## ସୁଭଦ୍ରା ଯୋଜନାକୁ ସଫଳ ରୂପାୟନ ପାଇଁ ପଦଯାତ୍ରା

ବଲାଙ୍ଗିର,୧୬।୯ (ନିପ୍ର); ଓଡ଼ିଶାର ପ୍ରତ୍ୟେକଟି ମହିଳା ହେବେ ସ୍ୱାବଲମ୍ବୀ ଏବଂ ସଶକ୍ତ କରିବା ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ବର୍ତ୍ତମାନ ଘରେ ଘରେ ଆଦୃତ ଓ ଲୋକପ୍ରିୟ ହୋଇପାରିଛି । ବଲାଙ୍ଗିରରେ ମଧ ଏହି ଯୋଜନାର ସଫଳ ରୂପାୟନ ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ, ଜିଲ୍ଲା ପ୍ରଶାସନ ଅନୁକୁଲ୍ୟରେ ରବିବାର ଜିଲ୍ଲା ସଦର ମହକୁମା ସ୍ଥିତ କଲେକ୍ଟୋରେଟ ଠାରୁ କୋଶଳ କଳା ମଣ୍ଡଳ ପଡିଆ ପର୍ଯ୍ୟନ୍ତ ଏକ ପଦଯାତ୍ରାର ଆୟୋଜନ କରା ଯାଇଥିଲା । ପଦଯାତ୍ରାରେ ତିନି ଶହରୁ ଉର୍ଦ୍ଧ୍ୱ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଯୋଗ ଦେବା ସହ ସ୍ୱାକ୍ଷର ପ୍ରଚାରରେ ନିଜକୁ ସାମିଲ କରିଥିଲେ । ଏହି ପଦଯାତ୍ରା ବେଳେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଡିପିସି ମିଶନ ଶକ୍ତି ସୁମନ ଦ୍ୱିବେଦୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ମହିଳା ମାନେ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ ।

## 'ଫୁଲର ମହକ ପରି ନୂଆ ବହିର ଶିହରଣ'

ଭଦ୍ରକ,୧୬।୯ (ନିପ୍ର); ନୂଆ ପୋଷାକର ଆକର୍ଷଣ ପରି ଫୁଲର ମହକ ପରି ନୂଆ ବହିଟିର ପୁଲକ ପାଠକକୁ ଶିହରିତ କରେ । କବିତା କବିଠୁ ଉର୍ଦ୍ଧ୍ୱରେ ଏବଂ ତାହାହିଁ କବିତାର ଅହମିକା ବୋଲି ଆଖଣ୍ଡଳମଣି ଛକସ୍ଥିତ ପ୍ରେମନଗର ପରିସରରେ ଆୟୋଜିତ ସାରସ୍ୱତ ବନ୍ଧୁ ମିଳନର ପୁସ୍ତକ ଉନ୍ମୋଚନ ପର୍ବରେ ମତ ପ୍ରକାଶ ପାଇଛି । 'ପ୍ରେମ ପୃଥିବୀ' ଆୟୋଜିତ ଅଧିବକ୍ତା ଚିତ୍ତରଞ୍ଜନ ବରାଳଙ୍କ କବିତା ପୁସ୍ତକ 'ବିବର୍ଣ୍ଣ ପୃଥିବୀ' ଲୋକାର୍ପଣ ସଭାରେ କଥାକାର ପବିତ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ ଏବଂ ବରେଣ୍ୟ ଅତିଥି ଭାବେ କବି ଅବନୀ ପ୍ରଧାନ, ଡ. ବଳରାମ ମିଶ୍ର ଓ ଡ. କ୍ଷୀରୋଦ ସାମଲ ଯୋଗ ଦେଇଥିଲେ । କବି କିଶୋର ପାଣିଗ୍ରାହୀ ପୁସ୍ତକର ସମୀକ୍ଷା କରିଥିଲେ । କୈଳାଶ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ, ଶାନ୍ତନୁ କୁମାର ରାଉତ ଅତିଥିଙ୍କ ପରିଚୟ ପ୍ରଦାନ ଓ ବିଜୟ ବହଳୀ ବେଦପାଠ କରିଥିଲେ । ପ୍ରାରମ୍ଭରେ ଶିଶୁ ସାହିତ୍ୟିକ ଗୋବିନ୍ଦ ପ୍ରସାଦ ଭଟ୍ଟାଚାର୍ଯ୍ୟଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା ।

## ଭାପୁର ବ୍ଲକରୁ ପଡ଼ିଲା ୯୫୭୮ ସୁଭଦ୍ରା ଫର୍ମ

ଭାପୁର,୧୬।୯ (ନିପ୍ର): ଭାପୁର ବ୍ଲକରେ ସୁଭଦ୍ରା ଫର୍ମ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ରବିବାର ସନ୍ଧ୍ୟା ସୁଦ୍ଧା ୨୦ ଗୋଟି ପଞ୍ଚାୟତ ରୁ ୯ ହଜାର ୫ ଶହ ୭୮ ଜଣ ହିତାଧିକାରି ଫର୍ମ ଆବେଦନ କରିଥିବା ଭାପୁର ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକଙ୍କ ଠାରୁ ପ୍ରକାଶ । ବ୍ଲକର ୪୦ ଗୋଟି କମନ୍ ସର୍ଭିସ୍ ସେଣ୍ଟର୍ ଏବଂ ୩୩ ଗୋଟି ମୋ ସେବା କେନ୍ଦ୍ର ଜରିଆରେ ବିନା ମୂଲ୍ୟରେ ପଞ୍ଜୀକରଣ କାର୍ଯ୍ୟ ଚାଲୁରହିଛି । ସମସ୍ୟା ରହିଥିବା ହିତାଧିକାରୀମାନେ ଟୋଲ୍ ଫ୍ରି ନମ୍ବର୍ ରେ ଯୋଗାଯୋଗ କରିବା ପାଇଁ ବ୍ଲକ ତରଫରୁ ନିବେଦନ କରାଯାଇଛି ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜାତୀୟ ଇଂଜିନିୟର ଦିବସ

ଗୁଣୁପୁର,୧୬।୯ (ନିପ୍ର); ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ କୋରାପୁଟସ୍ଥିତ ସୁନାବେଡ଼ା ହାଲର ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଇଣ୍ଡିଆ ସୋସାଇଟି ଆନୁକୂଲ୍ୟରେ ଜାତୀୟ ଇଂଜିନିୟର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁନାବେଡ଼ାସ୍ଥିତ ହାଲର ମୁଖ୍ୟ ପରିଚାଳକ ତଥା ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଇଣ୍ଡିଆ ସୋସାଇଟିର ଅଧ୍ୟକ୍ଷ ଇଞ୍ଜିନିୟର ପ୍ରେମାନନ୍ଦ ମାଇତି ଯୋଗଦେଇ ସୋସାଇଟିର କାଯ୍ୟକ୍ରମ ଓ ଛାତ୍ରଛାତ୍ରୀମାନଙ୍କ ଉନ୍ନତି ସକାଶେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିୟ ଅତିଥି ଭାବେ ହାଲର ମୁଖ୍ୟ ପରିଚାଳକ, କ୍ୱାଲିଟି କଣ୍ଟ୍ରୋଲ ତଥା ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଇଣ୍ଡିଆ ସୋସାଇଟିର ସମ୍ପାଦକ ଇଞ୍ଜିନିୟର ସଞ୍ଜୟ କୁମାର ବିଷୋୟୀ ଓ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ ଡ଼ଃ ଏ. ବି.ଶ୍ରୀନିବାସ ରାଓ ମଞ୍ଚାସୀନ ରହି ବର୍ତ୍ତମାନ ଇଂଜିନିୟରମାନଙ୍କ ଉପଲବ୍ଧ ଏବଂ କାର୍ଯ୍ୟ ଦକ୍ଷତା ବିଷୟରେ କହିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧାପକ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

କାଶୀନଗର,୧୬।୯ (ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ଖଣ୍ଡଭା ଗ୍ରାମ ଠାରେ ଥିବା ବଂଶଧରେ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ଆରମ୍ଭ ହୋଇଛି । ଏହି କ୍ରୀଡା ଉତ୍ସବ ଦୁଇ ଦିନ ଧରି ଏହି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଆୟୋଜିତ ହେବ । ଆୟୋଜିତ କ୍ରୀଡା ଉତ୍ସବରେ କାଶୀନଗର ବ୍ଲକର ୧୨ଟି ପଞ୍ଚାୟତ ମଧରେ ଥିବା ବିଦ୍ୟାଳୟର ପ୍ରୟ ୩୦୦ ଛାତ୍ର ଛାତ୍ରୀ ଆୟୋଜନ ହେଉଥିବା ବିଭିନ୍ନ କ୍ରୀଡା ରେ ଅଂଶ ଗ୍ରହଣ କରିବେ । ଏହି ଠାରେ କବାଡି, ଖୋଖୋ, ଦୌଡ଼, କ୍ରିକେଟ, ଏମିତି ପ୍ରତିଯୋଗିତା ମାନ ହେବ । ଏହି କ୍ରୀଡା ଉତ୍ସବର ଉଦ୍ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାଶୀନଗର ପଞ୍ଚାୟତ ସମିତି ସଭ୍ୟ ଜଗନ୍ନାଥ ଦୋରା, ସମ୍ମାନିତ ଅତିଥି ଭାବେ କାଶୀନଗର ଏନ.ଏ.ସି ଉପାଧ୍ୟକ୍ଷ ରଘୁ ରାମ ସାହୁ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେ.ରମି ନାଇଡୁ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀମାନଙ୍କୁ ଶରୀରକୁ ସୁସ୍ଥ, ସବଳ ଓ ସୁନ୍ଦର ରଖିବା ପାଇଁ କ୍ରୀଡାର ଯଥେଷ୍ଟ ଆବଶ୍ୟକ ରହିଛି ଏବଂ ବିଦ୍ୟାଳୟ ସ୍ତରରେ ସେମାନଙ୍କ ଠାରେ ଥିବା କ୍ରୀଡା ପ୍ରତିଭାକୁ ବିକଶିତ କରିବା ପାଇଁ ଏହା ହେଉଛି ପ୍ରକୃଷ୍ଟ ସ୍ଥାନ ତତସହ ଗୋଟେ ଭଲ କ୍ରୀଡ଼ାବିତ ହୋଇ ଆଜିକାଲି ନିଜକୁ ବହୁ ସୁନାମ ଓ ଅର୍ଥ ଉପାର୍ଜନ କରିବାରେ ସକ୍ଷମ ହେବେ ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ ।

## ଗୁଣପୁରରେ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନତା

ଗୁଣପୁର,୧୬।୯ (ନିପ୍ର); ରାୟଗଡ଼ା ଜିଲ୍ଲା ଗୁଣପୁରରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନୂଆ ବସଷ୍ଟାଣ୍ଡ ଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା । ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକରୁ ଶୁଭ୍ରାଂଜଳି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଲୀଳାବତୀ ଆଚାର୍ଜି, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ଆକାଉଣ୍ଟ ଅଧିକାରୀ ପ୍ରଦୀପ ସାହୁ ପ୍ରମୁଖ ମହିଳାମାନେ ଏହି ଯୋଜନାରେ କେମିତି ଲାଭ ପାଇ ପାରିବେ ଓ ଆତ୍ମ ନିର୍ଭରଶୀଳ ହୋଇପାରିବେ ସେନେଇ ସଚେତନତା କରାଇଥିଲେ । ୧୭ତାରିଖରୁ ପଞ୍ଜୀକୃତ କରିଥିବା ୨୧ ବର୍ଷରୁ ଅଧିକ ୬୦ବର୍ଷରୁ କମ ମହିଳାମାନଙ୍କ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ଯୋଗାଇଦେବାକୁ ସରକାର ଘୋଷଣା କରିଥିବା ଅତିଥିମାନେ ପ୍ରକାଶ କରିଥିଲେ ।

## ୫୭ ତମ ଇଞ୍ଜିନିୟର ଦିବସ ପାଳିତ

ଦାମନଯୋଡି,୧୬/୯(ନିପ୍ର): ଭାରତରତ୍ନ ଇଞ୍ଜିନିୟର ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ ସେପ୍ଟେମ୍ବର –୧୫କୁ ସାରା ଦେଶରେ ଜାତୀୟ ଇଞ୍ଜିନିୟରର୍ସ ଦିବସ ଭାବେ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ଦାମନଯୋଡି ସ୍ଥିତ ନାଲକୋ କ୍ଲବ୍ ପରିସରରେ ଡିପ୍ଲୋମା ଇଞ୍ଜିନିୟରର୍ସ ଆସୋସିଏସନ, ନାଲକୋ (ଡିନ)ର ସଭାପତି ଇଂ କୈଳାସ ସେନାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୫୭ ତମ ଇଞ୍ଜିନିୟର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦାମନଯୋଡିରେ ଡିନ୍ ଓ ସୁନାବେଡ଼ା ଏଚଏଏଲ (ହାଲ)ର ଏରୋନଟିକସ ଡିପ୍ଲୋମା ଇଞ୍ଜିନିୟରର୍ସ ସର୍ଭିସ ଆସୋସିଏସନ(ଆଡେସା) ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥଲେ । ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତରତ୍ନ ସାର୍ ଏମ. ବିଶ୍ୱେଶ୍ୱରାୟାଙ୍କ ଫଟୋ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ ।

## ସୁଭଦ୍ରା ଯୋଜନା ପାଇଁ ସଚେତନତା ପଦଯାତ୍ରା

ଧାମନଗର ,୧୬।୯ (ନିପ୍ର); ଧାମନଗର ପଞ୍ଚାୟତ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ଦ୍ୱାରା ମହିଳାଙ୍କୁ ସୁଭଦ୍ରା ଯୋଜନାରେ ମିଳିବାକୁ ଥିବା ଆର୍ଥିକ ସହାୟତା ପାଇଁ ଏକ ସଚେତନତା ପଦ ଓ ଆଲୋଚନା କରାଯାଇ ଥିଲା । ପ୍ରଥମେ ରାମ ମନ୍ଦିର ଠାରୁ ଇସି ସଭ୍ୟା, ବ୍ୟାଙ୍କ୍ ମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଜିପିଏଲ ଲିଡର ମାନେ ଏକ ପଦଯାତ୍ରା ରେ ବଜାର ପରିକ୍ରମା କରିବା ପରେ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ସଚେତନ ବୈଠକ ଅନୁଷ୍ଠିତ ହୋଇ ଥିଲା କିପରି ଭାବେ ସବୁ ଯୋଗ୍ୟ ମହିଳା ଏହି ସୁବିଧା ପାଇ ପାରିବେ ସେ ଦିଗରେ ନୀତି ନିୟମ ସଂପର୍କ ରେ ସଚେତନ କରା ଯାଇଥିଲା ଏହି କାର୍ଯ୍ୟକ୍ରମ ରେ ବ୍ଲକ ମିଶନ ଶକ୍ତି ଅଧିକାରିଣୀ ସନ୍ଦିପ୍ତା ଦାଶ ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ବିଧାୟକ ପ୍ରତିନିଧି ଅଶୋକ ପୁହାଣ ,ବିଡ଼ିଓ ବନ ବିହାରୀ ଦିନ୍ଦା, ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ପ୍ରମୁଖ ଯୋଗଦେଇ ସୁଭଦ୍ରା ଯୋଜନା ସଂପର୍କରେ ଉପସ୍ଥିତ ବ୍ୟାଙ୍କ୍ ମିତ୍ର ଓ ସ୍ୱୟଂ ସହାୟକ ସଭ୍ୟାଙ୍କୁ ବୁଝାଇ ଥିଲେ ।

## ବ୍ଲକ ଓ ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ହିଞ୍ଜିଳିକାଟୁ,୧୬।୯(ନିପ୍ର); ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଥିବା ବ୍ଲକ ଓ ସବଜୋନ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡ଼ିଓ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ବିଇଓ ଏସ. ଗିରିଧର, ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି, କଞ୍ଚୁରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସୁଜିତ କୁମାର ପାଢି ପ୍ରମୁଖ ମଞ୍ଚାସୀନ ଥିଲେ । ଆୟୋଜିତ ପ୍ରତିଯୋଗିତାରେ ସ୍ଥାନୀୟ ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ବିଦ୍ୟାଳୟର ୩୬୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଦୌଡ, ଉଚ୍ଚଡିଆଁ, ଲମ୍ବା ଡିଆଁ, କବାଡି, ଖୋଖୋ ଭଳି ୧୮ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶନିବାର ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ଏସ. ଗିରିଧର, ଏବିଇଓ ବାଳକୃଷ୍ଣ ପାତ୍ର, କଞ୍ଚୁରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସୁଜିତ କୁମାର ପାଢି ପ୍ରମୁଖ ମଞ୍ଚାସୀନ ଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ୧୪୨ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଆଗାମୀ ଦିନରେ କୃତୀ ପ୍ରତିଯୋଗୀମାନେ ଶେରଗଡ ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ସକାଶେ ମନୋନୀତ ହୋଇଛନ୍ତି ।

## ସୁଭଦ୍ରା : ବ୍ଲକ କାର୍ଯ୍ୟାଳୟରୁ ବାହାରିଲା ଶୋଭାଯାତ୍ରା

ନବରଙ୍ଗପୁର,୧୬।୯(ନି.ପ୍ର):ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସରକାରଙ୍କର ସୁଭଦ୍ରା ଯୋଜନାର ବ୍ୟାପକ ସଚେତନତା ପାଇଁ ଜିଲ୍ଲାସ୍ତରୀୟ ଘରେ ଘରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ପାଞ୍ଚଶହରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀମାନଙ୍କର ଏକ ଜନ ସଚେତନତା ଶୋଭାଯାତ୍ରା ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟରୁ ବାହାରି ମିଶନ ଶକ୍ତି ସଭାଗୃହ ପର୍ଯ୍ୟନ୍ତ କରାଯାଇଥିଲା । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୁଓ୍ୱାନ ପତାକା ଦେଖାଇ ଏହି ଜନ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ମହିଳାମାନେ ଘରେ ଘରେ ସୁଭଦ୍ରା ମୋହନ ବୁଝିଲେ ମା ଭଉଣୀଙ୍କ ମନ ସୁଭଦ୍ରା ଦେବ ଆପଣଙ୍କ ହାତକୁ ଧନ ଆଦି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ପରେ ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ଠାରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୁଓ୍ୱାନଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଶ୍ରୀ ଦରଓ୍ୱାନ ନିଜ ବକ୍ତବ୍ୟରେ ଜିଲ୍ଲାରେ ମୋଟ ତିନି ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାର ଲାଭ ପାଇବାର ଆକଳନ କରାଯାଇ ଥିବା ସ୍ଥଳେ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ କୋଡିଏ ହଜାର ହିତାଧିକାରୀ ଆବେଦନ କରିଛନ୍ତି ବୋଲି ସୂଚନା ଦେବା ସହିତ ଜଣେ ହିତାଧିକାରୀ ଯେପରି ତାଙ୍କର ପ୍ରାପ୍ୟରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ,ଅଙ୍ଗନବାଡି କର୍ମୀ ଓ ଆଶା କର୍ମୀମାନେ ନିଷ୍ଠାପର ଭାବେ କାର୍ଯ୍ୟକରିବା ପାଇଁ ପରାମର୍ଶ ଦେଇଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦୌପଦି କହଁର ସଭାର ଉଦ୍ଦେଶ୍ୟ ଜ୍ଞାପନ କରି ସୂଚନା ଦେଇଥିଲେ ଯେ ଜିଲ୍ଲାରେ ଅନୁରୂପ ଭାବରେ ସମସ୍ତ ବ୍ଲକ କାର୍ଯ୍ୟାଳୟ ରେ ଜନ ସଚେତନତା ଶୋଭାଯାତ୍ରା ଓ ସଚେତନ ବୈଠକ କରାଯାଇଛି । ଏଥି ସହିତ ସେ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ମାନଦଣ୍ଡ ଗୁଡିକୁ ଉପସ୍ଥିତ ହିତାଧିକାରୀମାନଙ୍କୁ ବୁଝାଇ ଥିଲେ ।ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରେଭିନ୍ୟୁ) ନବୀନ ଚନ୍ଦ୍ର ନାୟକ ଯୋଗ ଦେଇ ହିତାଧିକାରୀମାନେ ଶୁଣାକଥାରେ ଭ୍ରମରେ ନପଡି ନିକଟସ୍ଥ ଜନସେବା କେନ୍ଦ୍ର ମାଧ୍ୟମରେ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଉପ-ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ଡିଜିଟାଲ କାରବାର କରୁଥିବା ମହିଳାଙ୍କୁ ଅଧିକ ଆର୍ଥିକ ସହାୟତା ମିଳିବାର ସୂଚନା ଦେଇଥିଲେ ।

## ବିକାଶ ମେଳା ଆୟୋଜନ ପାଇଁ ପ୍ରସ୍ତୁତି

ଭବାନୀପାଟଣା, ୧୬/୯ (ନି.ପ୍ର)– ବିକାଶ ମେଳା ଆୟୋଜନ ନିମନ୍ତେ ଆଓ୍ୱାସି ମାଧ୍ୟମରେ ରାଜ୍ୟ ସରକାରଙ୍କ ପ୍ରଚଳନ କମିଟିର ବୈଠକ ସତ୍ୟବ୍ରତ ସାହୁ,ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିସ୍ତୃତ ଭାବରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିକାଶ ମେଳା ଆୟୋଜନ ସରକାରଙ୍କ ନିର୍ଦ୍ଦେଶାବଳି ଅନୁଯାୟୀ ଜିଲ୍ଲା ସ୍ତରରେ ଆୟୋଜନ ନିମନ୍ତେ ଆଲୋଚନା କରାଯାଇଥିଲା । ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୂତନ ସରକାରଙ୍କ ତରଫରୁ ବିକାଶମୁଖୀ ଯୋଜନା ଗୁଡିକ ପ୍ରଣୟନ କରାଯାଇଛି । ତାହାର ବହୁବିଧ କଲ୍ୟାଣକାରୀ ଦିଗ ଗୁଡିକ ସଂକ୍ରାନ୍ତରେ ଶିକ୍ଷା ଓ ସଂଚାର ଭିତ୍ତିକ ସଚେତନତା ସୃଷ୍ଟି ପାଇଁ ଏବଂ ରାଜ୍ୟ ସରକାରଙ୍କୁ ଲୋକଙ୍କର ନିକଟତର କରିବା ଉଦ୍ଦେଶ୍ୟରେ ଆସନ୍ତା ୨୦. ୦୯.୨୦୨୪ ରୁ ୨୨. ୦୯. ୨୦୨୪ରିଖ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ସମନ୍ୱୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ସରକାରଙ୍କ ତରଫରୁ ନିର୍ଦ୍ଧାରିତ ନିର୍ଦ୍ଦିଷ୍ଟ ତାରିଖରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆରମ୍ଭ ହେବ ।

## ସରକାରଙ୍କ ପ୍ରଣୀତ ଯୋଜନା ସମ୍ପର୍କିତ ଜନ ସଚେତନତା ସୃଷ୍ଟି

ନବରଙ୍ଗପୁର,୧୬।୯(ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲଠାରେ ଏକ ରାଜ୍ୟ ସ୍ତରୀୟ ଭର୍ଚୁଆଲ କନଫରେନ୍ସ ମାଧ୍ୟମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନସଚେତନତା ସମାବେଶ ସମ୍ପର୍କିତ ବିକାଶ ମେଳା ବୈଠକରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ବିକାଶ ମେଳା ନୋଡାଲ ଅଧିକାରୀ ବିରଞ୍ଚି ନାରାୟଣ ଦରୁଓ୍ୱାନ, ଉପ-ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସୂଚନା ଶିକ୍ଷା ଓ ସଂଚାର କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ୧୦୦ଦିନ ପୂର୍ତ୍ତି ବିଭିନ୍ନ ପ୍ରଣୀତ ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ଏହି ବିକାଶ ମେଳା ଆୟୋଜନର ଉଦ୍ଦେଶ୍ୟ । ଆସନ୍ତା ୧୯ ରୁ ୨୨ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ସମନ୍ୱୟରେ ରାଜ୍ୟ ସାରା ସମସ୍ତ ଜିଲ୍ଲାରେ ଜିଲ୍ଲାସ୍ତରୀୟ ସମାବେଶ, ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରାଜ୍ୟ ସ୍ତରୀୟ ଭର୍ଚୁଆଲ ବୈଠକ ପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୦ତାରିଖ ରେ ଅନୁଷ୍ଠିତ ହେବାକୁ ଥିବା ବିକାଶ ମେଳା ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାରେ ଏହି ସମାବେଶରେ ଅନ୍ୟୂନ ୩ରୁ ୫ହଜାର ପର୍ଯ୍ୟନ୍ତ ଲୋକଙ୍କ ସମାଗମ ହେବ । ବିଭିନ୍ନ ବିଭାଗ ଯଥା ସ୍ୱାସ୍ଥ୍ୟ, ଶିକ୍ଷା,ମିଶନ ଶକ୍ତି,ଓରମାସ, ପଞ୍ଚାୟତିରାଜ, ପାନୀୟ ଜଳ, ଜଳଛାୟା,ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ, ପ୍ଲାନିଙ୍ଗ, ହସ୍ତତନ୍ତ,ଆଇଟିଡିଏ,ଅଗ୍ନିଶମ,ସୂଚନା ଓ ଲୋକ ସମ୍ପର୍କ,ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି, ଉଦ୍ୟାନ, ପ୍ରାଣୀସମ୍ପଦ, ମତ୍ସ୍ୟ ଓ ବନବିଭାଗ ସହ ଯୋଗରେ ଷ୍ଟଲ ସ୍ଥାପନ ସହ ସମାବେଶର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ସମାବେଶ ସ୍ଥଳରେ ଟେଣ୍ଟ, ଚୌକି, ଅତିଥିନିମନ୍ତ୍ରଣ, ଷ୍ଟେଜ,ପୋଲିସ ନିୟନ୍ତ୍ରଣ କକ୍ଷ, ସାମୟିକ ଶୌଚାଳୟ,ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ,ଖାଦ୍ୟ କାଉଣ୍ଟର,ଷ୍ଟ୍ରିଟ ଲାଇଟ୍, ସ୍ୱଚ୍ଛତା, ପ୍ରାଥମିକ ଚିକିତ୍ସା,ଅଗ୍ନିନିରାପତ୍ତା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ, ଲୋକଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରି ସମ୍ପୃକ୍ତ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ ।

# ପ୍ରସ୍ତାବିତ ଅସ୍ତରଙ୍ଗ ବନ୍ଦର ପାଇଁ ଜନଶୁଣାଣି, ବିରୋଧ କରି ମେଳି ବାନ୍ଧିଲେ ବିସ୍ଥାପିତ

### ମରିବୁ ପଛେ ବନ୍ଦର ପାଇଁ ଭିଟାମାଟି ଛାଡ଼ିବୁ ନାହିଁ

ଅସ୍ତରଙ୍ଗ,୧୬।୯ (ନିପ୍ର); ପୁରୀଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଣଠାରେ ଏକ ବହୁମୁଖୀ ବନ୍ଦର ନିର୍ମାଣ ପାଇଁ ୨୦୦୮ ମସିହାରେ ତାତ୍କାଳୀନ ସରକାର ଓ ହାଇଦ୍ରାବାଦର ଏକ କମ୍ପାନୀ ମଧ୍ୟରେ ଚୁକ୍ତି ହେବାର ୧୬ବର୍ଷ ପୂରି ଯାଇଥିବା ବେଳେ ବନ୍ଦର ନିର୍ମାଣ ପାଇଁ ଇଞ୍ଚେ ଜମି ମଧ ଅଧିଗ୍ରହଣ ହୋଇନାହିଁ । ତେବେ ବନ୍ଦର ପାଇଁ ଆବଶ୍ୟକ ପରିବେଶ ମଞ୍ଜୁରି ପାଇଁ ରାଜ୍ୟ ସରକାରଙ୍କ ପ୍ରଦୂଷଣ ବୋର୍ଡ ପକ୍ଷରୁ ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପୁରୀ ଜିଲ୍ଲା ଅସ୍ତରଙ୍ଗରେ ହାଇଦ୍ରାବାଦ ସ୍ଥିତ ଉକ୍ତ କମ୍ପାନୀ ଦ୍ୱାରା ୩ଟି ପର୍ଯ୍ୟାୟରେ ୭ହଜାର ୪୧୭କୋଟି ଟଙ୍କା ବ୍ୟୟରେ ୨୫ ବିଲିଅନ କ୍ଷମତା ସମ୍ପର୍ଣ୍ଣ ସଂପୂର୍ଣ୍ଣ ସ୍ୱୟଂଚାଳିତ ପ୍ରସ୍ତାବିତ ବନ୍ଦର ପାଇଁ ରାଜ୍ୟ ସରକାର ଓ କମ୍ପାନୀ ମଧରେ ଚୁକ୍ତି ହୋଇଥିଲା । ଅପର ପକ୍ଷରେ ଏହି କାର୍ଯ୍ୟକ୍ରମ ବିପକ୍ଷରେ ପୀର ଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚ ପକ୍ଷରୁ ସମାନ୍ତରାଳ ଭାବେ ଆଉ ଏକ ଜନ ଶୁଣାଣି କରି ଜାହାନିଆ ଠାରେ ଏକ ବିଶାଳ ପ୍ରଜା ମେଳି କରି ପ୍ରସ୍ତାବିତ ବନ୍ଦରକୁ ଦୃଢ଼ ବିରୋଧ କରାଯାଇଛି । ପ୍ରଜାମେଳିରେ ଛୁରିଆନା , ଶିଶୁଅ , ପାଟଳଦା ଆଦି ପଞ୍ଚାୟତର ବିସ୍ଥାପିତ ହେବାକୁ ଥିବା ୧୩ ଟି ରାଜସ୍ୱ ଗ୍ରାମର ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇ ବନ୍ଦର ନିର୍ମାଣ ଓ ଜନଶୁଣାଣି କାର୍ଯ୍ୟକ୍ରମକୁ ଦୃଢ଼ ବିରୋଧ କରିବା ସହ ବନ୍ଦର ନିର୍ମାଣ ଦ୍ୱାରା ଉପକୂଳ ଅଞ୍ଚଳର ଜୈବ ବିବିଧତା ନଷ୍ଟ ହେବା ସହିତ ହଜାର ହଜାର ଲୋକେ ସେମାନଙ୍କର ମୌଳିକ ଜୀବିକା ହରାଇବା ସହିତ ହଜାର ହଜାର ଜୀବଜନ୍ତୁ ସତ୍ତା ହରାଇବେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ମରିବୁ ପଛେ ବନ୍ଦର ପାଇଁ ଭିଟାମାଟି ଛାଡ଼ିବୁ ନାହିଁ ବୋଲି ଧମକ ଦେଇଛନ୍ତି । କେନ୍ଦ୍ର ସରକାର ୨୦୧୩ ମସିହା ଜମି ଅଧିଗ୍ରହଣ ଆଇନ ଓ ରାଜ୍ୟ ସରକାରଙ୍କ ୨୦୦୬ ପୁନର୍ବାସ ଓ ଥଇଥାନ ଆଇନ ଅନୁଯାୟୀ ବନ୍ଦର ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରଦୂଷଣ ବୋର୍ଡ ପକ୍ଷରୁ ସ୍ଥାନୀୟ ବ୍ଲକ ପଡିଆରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ପ୍ରତିଶ୍ରୁତି ଦିଆଯାଇଥିଲା । ବନ୍ଦର



ନିର୍ମାଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ମିଶ୍ରିତ ପ୍ରତିକ୍ରିୟା ମିଳିଥିବା ବେଳେ ବିସ୍ଥାପିତ ହେବାକୁ ଥିବା ବିଭିନ୍ନ ସ୍ଥାନରେ ଆଗାମୀ ଦିନରେ ଦୁଇଟି ପର୍ଯ୍ୟୟରେ ଜଣଶୁଣାଣି କାର୍ଯ୍ୟକ୍ରମ ମାଧମରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ ।ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ସହ ବିପୁଳ ପୁଞ୍ଜି ନିବେଶ ପାଇଁ ସରକାର ଚୁକ୍ତି ପରେ ଚୁକ୍ତି ସ୍ୱାକ୍ଷର କରି ଚାଲିଥିବା ବେଳେ ଉପକୂଳ ଓଡ଼ିଶାରେ ପୋସ୍କ , ବେଦାନ୍ତ ଭଳି ଆଲୋଚ୍ୟ ଇଂଜିନିୟରିଂ ଦ୍ୱାରା ପ୍ରସ୍ତାବିତ ବନ୍ଦର ପ୍ରକଳ୍ପ ସ୍ୱପ୍ନରେ ରହିଯିବନି ତ ଏଭଳି ଆଶଙ୍କା ବିଭିନ୍ନ ମହଲରେ ସୃଷ୍ଟି ହୋଇଛି ।

## କାନାଡାରେ ଭୟଙ୍କର ଭୂକମ୍ପ ଝଟ୍‌କା

ଓଟ୍ୱା, ୧୬।୯: କାନାଡାର ବ୍ରିଟିଶ କଲମ୍ବିଆ ପ୍ରଦେଶର ଉତ୍ତର ଉପକୂଳରେ ଦୁଇଥର ପ୍ରବଳ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୬.୬ ମାପ କରାଯାଇଛି। ଯୁକ୍ତରାଷ୍ଟ୍ରର ଭୂତତ୍ତ୍ୱ ସର୍ବେକ୍ଷଣରେ କୁହାଯାଇଛି ଯେ, ପ୍ରଥମ ଭୂକମ୍ପ ସ୍ଥାନୀୟ ସମୟ ପ୍ରାୟ ୩.୨୦ ସମୟରେ ଘଟିଥିଲା। ଏହା ଭାନକୋଭରର ଉତ୍ତରରେ ପ୍ରାୟ ୧,୭୨୦ କିଲୋମିଟର (୧,୦୬୯ ମାଇଲ) ହାଇଡା ଗୱାଇର ଏକ ଦୂରରେ ଅବସ୍ଥିତ ଥିଲା ଏବଂ ଏହା ୩୩ କିଲୋମିଟର (୨୦ ମାଇଲ) ଗଭୀରରେ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଏହି କମ୍ପନ ଯୋଗୁ କୌଣସି ବଡ଼ କ୍ଷୟକ୍ଷତିର ତୁରନ୍ତ ରିପୋର୍ଟ ନାହିଁ। ପ୍ରଥମ କମ୍ପନର ପ୍ରାୟ ଏକ ଘଣ୍ଟା ପରେ ସମାନ ଅଞ୍ଚଳରେ ୪.୫ ମ୍ୟାଗ୍ନିଚ୍ୟୁଡର ଦ୍ୱିତୀୟ ଭୂକମ୍ପ ଘଟିଥିଲା।

## ମଧ୍ୟପ୍ରଦେଶରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ

ଭୋପାଳ, ୧୬।୯: ମଧ୍ୟପ୍ରଦେଶରେ ସୋମବାର ଏକ ମାଲବାହୀ ଟ୍ରେନର କେତେକ ବଗି ଲାଇନଚ୍ୟୁତ ହୋଇଛି। ଭୋପାଳରୁ ଇଟାର୍ସି ଅଭିମୁଖେ ଯାଉଥିବା ଏହି ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ଟ୍ରେନ୍ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ମଧ୍ୟପ୍ରଦେଶର ପ୍ରଶାସନିକ ଅଧିକାରୀ ଏବଂ ରେଳବାଇ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ମାଲବାହୀ ଟ୍ରେନର ଓଲଟି ଯାଇଥିବା ବଗିଗୁଡ଼ିକୁ ଟ୍ରାକକୁ ଫେରାଇ ଆଣିବା ପାଇଁ କାର୍ଯ୍ୟ କରୁଛନ୍ତି। ଭୋପାଳ ଡିଭିଜନର ରେଳ ପିଆରଓ ନଭାଲ ଅଗ୍ରୱାଲ କହିଛନ୍ତି ଯେ ଭୋପାଳରୁ ଇଟାର୍ସି ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନର ତିନୋଟି ବଗି ମିସ୍ରୋଡ ଏବଂ ମଣ୍ଡିଦୀପ ରେଳ ଷ୍ଟେସନ ମଧ୍ୟରେ ଲାଇନଚ୍ୟୁତ ହୋଇଛି। ମରାମତି କାମ ଚାଲିଛି, ଟିମ୍ ଘଟଣାସ୍ଥଳରେ ରହିଛି। ତିନି ଲାଇନ୍ ବିଶିଷ୍ଟ ଏହି ସେକ୍ସନ ଯୋଗୁଁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇନାହିଁ।

## ୫ ବର୍ଷର ଶିଶୁକୁ ଝୁଣି ପକାଇଲେ ଏକାଧିକ ବୁଲା କୁକୁର

ନୂଆଦିଲ୍ଲୀ, ୧୬।୯: ସାମ୍ନାକୁ ଆସିଛି ବୁଲା କୁକୁରଙ୍କ ଆକ୍ରମଣର ତାଜା ଚିତ୍ର। କିଛି ବୁଲା କୁକୁର ଗୋଟିଏ ଘର ସାମ୍ନାରେ ଛିଡ଼ା ହୋଇଥିବା ଜଣେ ୫ ବର୍ଷୀୟ ପିଲାକୁ ଭୟଙ୍କର ଢ଼ଙ୍ଗରେ ଆକ୍ରମଣ କରିଛନ୍ତି। ଆକ୍ରମରେ ପିଲାଟି ଗୁରୁତର ହୋଇଛି। ମହାରାଷ୍ଟ୍ରର ପୁଣେର ଚାକନ ଠାରେ ଏଭଳି ଘଟଣା ଘଟିଛି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ସିସିଟିଭିରେ କଏଦ ହୋଇଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଛୋଟ ପିଲାଟି ଗୋଟିଏ ରାସ୍ତାରେ ଛିଡ଼ା ହୋଇଛି। ରାସ୍ତାରେ ପାଣି ଜମି ଥିବା ବେଳେ ପିଲାଟି ସେଠାରେ ପହଞ୍ଚି କିଛି ଦୂରରେ ଛିଡ଼ା ହୋଇଥିବା ଗୋଟିଏ କଳା କୁକୁରକୁ ଦେଖି ହାତ ହଲାଉଛି। ପିଲାଟି କୁକୁର ଆଡ଼କୁ ଯାଇ ନଥିଲା କିମ୍ବା କୁକୁରଟି ମଧ୍ୟ କୌଣସି ଆକ୍ରମଣର ପ୍ରାକ ସୂଚନା ଦେଇ ନଥିଲା। ତେବେ କିଛି ସେକେଣ୍ଡ ମଧ୍ୟରେ ପିଲାଟିର ଡାହାଣ ପାର୍ଶ୍ୱରୁ ଆଉ ଗୋଟିଏ କୁକୁର କ୍ଷୀପ୍ର ଗତିରେ ଦୌଡ଼ି ଆସି ଆକ୍ରମଣ କରିଥିଲା। ତୁରନ୍ତ ଆଉ କିଛି କୁକୁର ମଧ୍ୟ ପିଲାଟି ପାଖକୁ ଚାଲି ଆସି ତା'କୁ କାମୁଡ଼ିବାରେ ଲାଗିଥିଲେ।

## ଡେଙ୍ଗୁରେ ୨ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୧୬।୯: ଦିଲ୍ଲୀକୁ ପୁଣି ଥରେ ଡେଙ୍ଗୁ ଫେରିଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଇତିମଧ୍ୟରେ ଚଳିତ ବର୍ଷ ରାଜଧାନୀରେ ଡେଙ୍ଗୁରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ଗଣମାଧ୍ୟମ ଅନୁଯାୟୀ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ଲୋକ ନାୟକ ହସ୍ପିଟାଲରେ ଘଟିଛି। ସେହିପରି ଅନ୍ୟ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ସଫଦରଜଙ୍ଗ ହସ୍ପିଟାଲରେ ହୋଇଛି। ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସହିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏହାର ନିୟନ୍ତ୍ରଣ ନ କଲେ ହୁଏତ ଆଗାମୀ ଦିନରେ ଏହା ମହାମାରୀର ରୂପ ନେବାର ଆଶଙ୍କା ରହିଥିବା ବିଶେଷଜ୍ଞ କହିଛନ୍ତି। ସୂତ୍ରରୁ ପ୍ରକାଶ ଯେ ଅଗଷ୍ଟ ମାସରେ ସର୍ବାଧିକ ସଂଖ୍ୟକ ମାମଲା ରୁଜୁ ହୋଇଥିଲା। ନଜାଫଗଡ ଅଞ୍ଚଳରେ ସର୍ବାଧିକ ୧୦୩ ଟି ମାମଲା ରୁଜୁ ହୋଇଥିଲା। ଏହା ପରେ ଶାହାଦରା ଉତ୍ତର ପ୍ରଦେଶରେ ୮୪ ଟି ମାମଲା ରୁଜୁ ହୋଇଥିଲା। ଏହା ସହିତ ଜାନୁଆରୀ ୧ ରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ୨୬୦ ମ୍ୟାଲେରିଆ ଏବଂ ୩୨ଟି ଚିକୁଙ୍ଗୁନିଆ ମାମଲା ମଧ୍ୟ ରିପୋର୍ଟ ହୋଇଥିଲା।

## ଆଫଗାନିସ୍ତାନରେ ପୋଲିଓ ଟିକାକରଣ ବନ୍ଦ କଲା ତାଲିବାନ

ନୂଆଦିଲ୍ଲୀ, ୧୬।୯: ବନ୍ଧୁକ ମୁନରେ ଆଫଗାନିସ୍ତାନକୁ ଦଖଲ କରିଥିବା ତାଲିବାନର ଆଉ ଏକ ଭୟଙ୍କର ରୂପ ସାମ୍ନାକୁ ଆସିଛି। ଆଫଗାନିସ୍ତାନରେ ପିଲାମାନଙ୍କୁ ଦିଆଯାଉଥିବା ପୋଲିଓ ବିରୋଧୀ ଟିକା କାର୍ଯ୍ୟକ୍ରମକୁ ତାଲିବାନ ବନ୍ଦ କରିଦେଇଛି। ପୋଲିଓ ଭୂତାଣୁ ବ୍ୟାପିଥିବା ୨ଟି ଦେଶ ହେଉଛନ୍ତି ଆଫଗାନିସ୍ତାନ ଓ ପାକିସ୍ତାନ। ଏଠାରେ ପ୍ରତିବର୍ଷ ସର୍ବାଧିକ ପିଲା ପୋଲିଓ ଯୋଗୁ ପାରାଲିସିସ ଭଳି ସମସ୍ୟାରେ ପଡୁଛନ୍ତି। ତଥାପି ଆଫଗାନିସ୍ତାନରେ ଟିକାକରଣ ଅଭିଯାନକୁ ତାଲିବାନ ବାତିଲ କରିଦେବା ସମସ୍ତଙ୍କୁ ଚକିତ କରିଛି। ତାଲିବାନ ପକ୍ଷରୁ ପୋଲିଓ ଟିକାକରଣ ଅଭିଯାନକୁ ବାତିଲ କରାଯାଇଥିବା ଆଜି ମିଳିତ ଜାତିସଂଘ ପକ୍ଷରୁ ସୂଚନା ଦିଆଯାଇଛି। ମିଳିତ ଜାତିସଂଘ ପକ୍ଷରୁ ଆଫଗାନିସ୍ତାନରେ ପୋଲିଓ ବିରୋଧୀ ଟିକାକରଣ ଆରମ୍ଭ ହେବାର ଥିଲା। ସେପ୍ଟେମ୍ବର ମାସର ମଧ୍ୟ ଭାଗରୁ ଏହା ଆରମ୍ଭ ହେବାକୁ ଥିବା ବେଳେ ହଠାତ୍ ତାଲିବାନ ଏହାକୁ ବାତିଲ କରି ଦେଇଛି। ବାତିଲର କାରଣ ସମ୍ପର୍କରେ କିଛି ବି କୁହାଯାଇ ନାହିଁ। ସେହିପରି ଆଫଗାନରେ ଶାସନ କରୁଥିବା ତାଲିବାନ ସରକାର ମଧ୍ୟ ଏହା ଉପରେ କୌଣସି ପ୍ରକାରର ପ୍ରତିକ୍ରିୟା ଦେଇ ନାହାନ୍ତି।

### ଚତୁର୍ଥ ବିଶ୍ୱ ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀରେ ନରେନ୍ଦ୍ର ମୋଦି

# 'ସବୁଜ ଭବିଷ୍ୟତ ହେଉଛି ଭାରତର ପ୍ରତିବଦ୍ଧତା'

ନୂଆଦିଲ୍ଲୀ, ୧୬।୯ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ଚତୁର୍ଥ ବିଶ୍ୱ ଅକ୍ଷୟ ଶକ୍ତି ନିବେଶକ ସମ୍ମିଳନୀ ଏବଂ ପ୍ରଦର୍ଶନୀକୁ (ରି-ଇନଭେଷ୍ଟ)କୁ ଉଦ୍‌ଘାଟନ କରିଛନ୍ତି । ୩ ଦିନ ଧରି ଚାଲିବାକୁ ଥିବା ଏହି ଶିଖର ସମ୍ମିଳନୀରେ ୨୦୦ ଗିଗାୱାଟ୍ ରୁ ଅଧିକ ଅଣ-ଜୀବାଶ୍ମ ଇନ୍ଧନ କ୍ଷମତା ହାସଲ କରିବାରେ ଭାରତର ଉଲ୍ଲେଖନୀୟ ଅବଦାନକୁ ସମ୍ମାନିତ କରାଯାଇଛି। ଏହି ପ୍ରଦର୍ଶନୀରେ ସରକାରୀ ଓ ବେସରକାରୀ କମ୍ପାନି, ଷ୍ଟାର୍ଟଅପ୍ ଏବଂ ପ୍ରମୁଖ ଶିଳ୍ପ ସଂସ୍ଥାଗୁଡ଼ିକର ଅତ୍ୟାଧୁନିକ ଉଦ୍ଭାବନକୁ ପ୍ରଦର୍ଶିତ କରାଯାଇଥିଲା।ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ରି-ଇନଭେଷ୍ଟ ଶିଖର ସମ୍ମିଳନୀର ଚତୁର୍ଥ ସଂସ୍କରଣରେ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ ଏବଂ ଶକ୍ତି, ପ୍ରଯୁକ୍ତି ବିଦ୍ୟା ଏବଂ ନୀତିର ଭବିଷ୍ୟତ ଉପରେ




ଆଗାମୀ ତିନି ଦିନ ମଧ୍ୟରେ ଗମ୍ଭୀର ଆଲୋଚନା ହେବ ବୋଲି ବିଶ୍ୱାସ ବ୍ୟକ୍ତ କରିଥିଲେ । ଏହି ସମ୍ମିଳନୀରୁ ଆଲୋଚନା ଓ ଶିକ୍ଷା ସମଗ୍ର ମାନବଜାତି ଉପକୃତ ହେବ ବୋଲି ମୋଦି କହିଛନ୍ତି। ସଫଳ ଆଲୋଚନା ପାଇଁ ସେ ଶୁଭେଚ୍ଛା ଜଣାଇଛନ୍ତି। ୬୦ ବର୍ଷ ପରେ ରେକର୍ଡ ତୃତୀୟ ଥର ପାଇଁ ସେହି ସରକାରକୁ ନିର୍ବାଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଭାରତବାସୀଙ୍କ ଜନାଦେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ତୃତୀୟ ଥର ପାଇଁ ସରକାର ପୁନଃ ନିର୍ବାଚିତ ହେବା ପଛରେ ଭାରତର ଆକାଂକ୍ଷା ହିଁ କାରଣ ବୋଲି ମୋଦି କହିଛନ୍ତି। ୧୪୦ କୋଟି ନାଗରିକ, ଯୁବକ ଓ ମହିଳାଙ୍କ ବିଶ୍ୱାସ ଓ ଆତ୍ମବିଶ୍ୱାସ ଉପରେ ସେ ଆଲୋକପାତ କରିଥିଲେ, ଯେଉଁମାନେ ବିଶ୍ୱାସ କରନ୍ତି ଯେ ଏହି ତୃତୀୟ ପାଳିରେ ସେମାନଙ୍କଆକାଂକ୍ଷା ନୂଆ ଉଡ଼ାଣ ନେବ। ଗରିବ, ଦଳିତ ଓ ବଞ୍ଚିତ ଲୋକମାନେ ବିଶ୍ୱାସ କରନ୍ତି ଯେ ସରକାରଙ୍କ ତୃତୀୟ କାର୍ଯ୍ୟକାଳ ସମ୍ମାନଜନକ ଜୀବନର ଗ୍ୟାରେଣ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଛନ୍ତି ଯେ ଭାରତର ୧୪୦ କୋଟି ନାଗରିକ ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ରେ ପରିଣତ କରିବାର ସଂକଳ୍ପ ନେଇ କାର୍ଯ୍ୟ କରୁଛନ୍ତି । ଆଜିର କାର୍ଯ୍ୟକ୍ରମ ଏକ ଅଲଗା କାର୍ଯ୍ୟକ୍ରମ ନୁହେଁ ବରଂ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ବୃହତ ଦୃଷ୍ଟିକୋଣ, ମିଶନ ଏବଂ କାର୍ଯ୍ୟ ଯୋଜନାର ଏକ ଅଂଶ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କାର୍ଯ୍ୟକାଳର ପ୍ରଥମ ୧୦୦ ଦିନମଧ୍ୟରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଉପରେ ଆଲୋକପାତ କରିଥିଲେ ।ପ୍ରଧାନମନ୍ତ୍ରୀ ମୋଦି ମନ୍ତବ୍ୟ ଦେଇ କହିଥିଲେ ଯେ ଭାରତର ଦ୍ରୁତ ଗତିର ବିକାଶ ପାଇଁ ଆବଶ୍ୟକ ସମସ୍ତ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ୧୦୦ ଦିନ ମଧ୍ୟରେ ଦେଶର ଭୌତିକ ଓ ସାମାଜିକ ଭିତ୍ତିଭୂମିକୁ ସମ୍ପ୍ରସାରଣ କରିବା ପାଇଁ ଏକାଧିକ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ଭାରତ ୭ କୋଟି ଘର ନିର୍ମାଣ ପଥରେ ଗତି କରୁଛି ଯାହା ଅନେକ ଦେଶର ଜନସଂଖ୍ୟାଠାରୁ ଅଧିକ ଏବଂ ଗତ ଦୁଇ ପାଳିରେ ୪ କୋଟି ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଶ୍ରୀ ମୋଦି ଆହୁରି ମଧ୍ୟ ଆଲୋକପାତ କରିଥିଲେ ଯେ ଜଳବାୟୁ ସମ୍ବନ୍ଧୀୟ ଏକ ମନ୍ତ୍ରଣାଳୟ ଗଠନ କରିବାରେ ଗୁଜରାଟ ସମଗ୍ର ବିଶ୍ୱରେ ସବୁଠାରୁ ଆଗରେ ରହିଛି । ସେ ଆଲୋକପାତ କରିଥିଲେ ଯେ ଗୁଜରାଟ ସୌର ପ୍ଲାଣ୍ଟ ସ୍ଥାପନ ଆରମ୍ଭ କରିସାରିଛି ଯେତେବେଳେ ବିଶ୍ୱ ଏହା ବିଷୟରେ ଚିନ୍ତା ମଧ୍ୟ କରିନଥିଲା

## ମମତା ବାନାର୍ଜୀଙ୍କୁ ଭେଟିଲେ ଆନ୍ଦୋଳନରତ ଡାକ୍ତର



ଆନ୍ଦୋଳନ କରୁଥିବା ଜୁନିଅର ଡାକ୍ତରମାନଙ୍କ ଏକ ପ୍ରତିନିଧିମଣ୍ଡଳ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟି ଆଲୋଚନା କରିଛନ୍ତି । ମମତା ବାନାର୍ଜୀଙ୍କ ସହ ତାଙ୍କ କାଳିଘାଟସ୍ଥିତ ବାସଭବନରେ ଏହି ଆଲୋଚନା ହୋଇଥିଲା । ବାନାର୍ଜୀଙ୍କ ବାସଭବନରେ ପ୍ରାୟ ୩୦ ଜଣ ଡାକ୍ତର ପହଞ୍ଚିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଏହି ବୈଠକ ସନ୍ଧ୍ୟା ୫ଟାରେ ହେବାର ଥିଲା। ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟାଳୟ 'ସ୍ୱାସ୍ଥ୍ୟ ଭବନ' ବାହାରେ ଆନ୍ଦୋଳନସ୍ଥଳରୁ ସଭାକୁ ଯିବା ପୂର୍ବରୁ ଆନ୍ଦୋଳନରତ ଡାକ୍ତରମାନେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ ଯେ ବୈଠକର ବିବରଣୀ ରେକର୍ଡ କରିବା ପାଇଁ ସେମାନଙ୍କ ସହ ଦୁଇ ଜଣ ପେସାଦାର ଷ୍ଟେନୋଗ୍ରାଫର ମଧ୍ୟ ଯିବେ। ସେମାନେ ସରକାରଙ୍କ ନିକଟରେ ପୂର୍ବରୁ ରଖିଥିବା ୫ଟି ଦାବିରୁ କମ୍ ରେ ରାଜି ହେବେ ନାହିଁ ବୋଲି ସେମାନେ ଗଣମାଧ୍ୟମକୁ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟାଳୟ 'ସ୍ୱାସ୍ଥ୍ୟ ଭବନ' ବାହାରେ ଆନ୍ଦୋଳନସ୍ଥଳରୁ ସଭାକୁ ଯିବା ପୂର୍ବରୁ ଆନ୍ଦୋଳନରତ ଡାକ୍ତରମାନେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ ଯେ ବୈଠକର ବିବରଣୀ ରେକର୍ଡ କରିବା ପାଇଁ ସେମାନଙ୍କ ସହ ଦୁଇ ଜଣ ପେସାଦାର ଷ୍ଟେନୋଗ୍ରାଫର ମଧ୍ୟ ଯିବେ। ଡାକ୍ତରମାନଙ୍କ ପ୍ରମୁଖ ଦାବି ମଧ୍ୟରେ ରହିଛି ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, କୋଲକାତା ପୁଲିସ କମିସନର ବିନୀତ ଗୋଏଲ ଓ ସ୍ୱାସ୍ଥ୍ୟ ସଚିବ ନାରାୟଣ ସ୍ୱରୂପ ନିଗମଙ୍କ ଇସ୍ତଫା, ସ୍ୱାସ୍ଥ୍ୟ କର୍ମୀଙ୍କୁ ଉନ୍ନତ ସୁରକ୍ଷା ଏବଂ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଭୟଭୀତ କରିବାର ସଂସ୍କୃତିକୁ ବନ୍ଦ କରିବା ।

## ରାହୁଲ ଗାନ୍ଧିଙ୍କ ଜିଭ କାଟିଲେ ମିଳିବ ୧୧ ଲକ୍ଷ: ସିନ୍ଦେ ସେନା ବିଧାୟକ

ନୂଆଦିଲ୍ଲୀ, ୧୬।୯ : ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନାର ବିଧାୟକ ସଞ୍ଜୟ ଗାଏକ୍ୱାଡ ଅତ୍ୟନ୍ତ ବିବାଦୀୟ ବୟାନ ଦେଇଛନ୍ତି। କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଜିଭ ଯିଏ କାଟିବ, ତାଙ୍କୁ ସେ ୧୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ଦେବେ ବୋଲି ଘୋଷଣା କରିଛନ୍ତି। ସଂରକ୍ଷଣକୁ ନେଇ ରାହୁଲ ଗାନ୍ଧି ଆମେରିକାରେ ଦେଇଥିବା ବୟାନ ବିରୋଧରେ ବିଧାୟକ ଗାଏକ୍ୱାଡ ଏପରି ଘୋଷଣା କରିଛନ୍ତି। ସଞ୍ଜୟ ଗାଏକ୍ୱାଡ କହିଛନ୍ତି, "ଭାରତରେ ସଂରକ୍ଷଣ ଶେଷ କରିବାକୁ ରାହୁଲ ଗାନ୍ଧି ଦେଇଥିବା ବୟାନ ଲୋକଙ୍କ ପ୍ରତି ସବୁଠାରୁ ବଡ଼ ମିଛ। ଗୋଟିଏ ପଟେ ମହାରାଷ୍ଟ୍ରରେ ସଂରକ୍ଷଣ ଦାବି ବଢୁଥିବା ବେଳେ ଅନ୍ୟପଟେ ରାହୁଲ ଗାନ୍ଧି ଦେଶରେ ସଂରକ୍ଷଣ ବ୍ୟବସ୍ଥା ଶେଷ ହେବ ବୋଲି ବୟାନ ଦେଉଛନ୍ତି। ଏବେ ସେ ଦେଶରୁ ସଂରକ୍ଷଣ ଶେଷ କରିବା କଥା କହି କଂଗ୍ରେସର ଅସଲ ଚରିତ୍ର ସାମ୍ନାକୁ ଆଣିଛନ୍ତି। ଯେକୌଣସି ଲୋକ ରାହୁଲ ଗାନ୍ଧିଙ୍କ ଜିଭ କାଟିବ, ମୁଁ ତାଙ୍କୁ ପୁରସ୍କାର ଆକାରରେ ୧୧ ଲକ୍ଷ ଟଙ୍କା ଦେବି।" ନିକଟରେ ଆମେରିକା ଗସ୍ତରେ ଥିବା ରାହୁଲ ଗାନ୍ଧି ସର୍ବ ଭାରତୀୟ ସ୍ତରରେ ଜାତିଗତ ଗଣନାର ଆବଶ୍ୟକତା ଉପରେ ମତ ରଖିଥିଲେ।

## ମଣିପୁର : ହଟିଲା ଇଣ୍ଟରନେଟ୍ କଟକଣା, ଖୋଲିବ ସ୍କୁଲ

ଇମ୍ଫାଲ, ୧୬।୯: ୬ ଦିନ ପରେ ମଣିପୁରର ୫ଟି ଉପତ୍ୟକା ଜିଲ୍ଲାରେ ଇଣ୍ଟରନେଟ୍ ନିଷେଧାଦେଶକୁ ତୁରନ୍ତ ହଟାଇ ଦିଆଯାଇଛି। ମଣିପୁର ସରକାର ମଧ୍ୟ ଆସନ୍ତାକାଲିଠାରୁ ରାଜ୍ୟରେ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଗୃହ କମିଶନର ଏନ୍ ଅଶୋକ କୁମାର କହିଛନ୍ତି ଯେ ଲିଜ୍ ଲାଇନ୍, ଭିସାଟ୍, ବ୍ରଡବ୍ୟାଣ୍ଡ ଓ ଭିପିଏନ୍ ସେବା ସମେତ ଇଣ୍ଟରନେଟ୍ ସେବାକୁ ତୁରନ୍ତ ସ୍ୱାଭାବିକ କରାଯିବ। ଏହା ପୂର୍ବରୁ ରାଜ୍ୟ ସରକାର ଗତ ସେପ୍ଟେମ୍ବର ୧୨ ତାରିଖରେ ବ୍ରଡବ୍ୟାଣ୍ଡ ସଂଯୋଗ ଜରିଆରେ ଇଣ୍ଟରନେଟ୍ ସେବା ବନ୍ଦ କରିଥିଲେ। ସେପ୍ଟେମ୍ବର ୧୦ତାରିଖରେ ରାଜ୍ୟ ସରକାର ରାଜ୍ୟର ପାଞ୍ଚଟି ଜିଲ୍ଲା ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ, ଥୋବଲ, ବିଷ୍ଣୁପୁର ଏବଂ କାକଚିଂରେ ମୋବାଇଲ ଇଣ୍ଟରନେଟ୍ ଏବଂ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଇମ୍ଫାଲରେ ଛାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପରେ ପୁଲିସ ସହ ସଂଘର୍ଷ ପରେ ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଏହି ନିଷେଧାଦେଶ ଜାରି କରାଯାଇଥିଲା। ସେପ୍ଟେମ୍ବର ୧୦ତାରିଖରେ ରାଜ୍ୟ ସରକାର ରାଜ୍ୟର ପାଞ୍ଚଟି ଜିଲ୍ଲା ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ, ଥୋବଲ, ବିଷ୍ଣୁପୁର ଏବଂ କାକଚିଂରେ ମୋବାଇଲ ଇଣ୍ଟରନେଟ୍ ଏବଂ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଇମ୍ଫାଲରେ ଛାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ ପରେ ପୁଲିସ ସହ ସଂଘର୍ଷ ପରେ ରାଜ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଏହି ନିଷେଧାଦେଶ ଜାରି କରାଯାଇଥିଲା ।ଦୀର୍ଘ ୧୬ ମାସ ଧରି ଚାଲିଥିବା ଜାତିଗତ ହିଂସା ପରେ ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ଆନ୍ଦୋଳନକାରୀମାନେ ଦାବି କରିଥିଲେ। ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଉପତ୍ୟକାର ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲ ବନ୍ଦ ରଖିବାକୁ ସେମାନେ ଘୋଷଣା କରିଥିଲେ। ତେବେ ସ୍ୱାଭାବିକ ସ୍ଥିତି ଥିବା ଅଂଚଳରେ ଆସନ୍ତାକାଲି ଅର୍ଥାତ୍ ସେପ୍ଟେମ୍ବର ୧୭ରୁ ସମସ୍ତ ସ୍କୁଲ ଖୋଲିବାକୁ କୁହାଯାଇଛି।

## ଟ୍ରମ୍ପଙ୍କ ଉପରେ ପୁଣି ଆକ୍ରମଣ: ଅଭିଯୁକ୍ତ ଗିରଫ



ୱାଶିଂଟନ, ୧୬।୯: ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ଆଗାମୀ ରାଷ୍ଟ୍ରପତି ନିର୍ବାଚନର ରିପବ୍ଲିକାନ ଦଳର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ପୁଣି ଆକ୍ରମଣ ହୋଇଛି। ତେବେ ସେ ସୁରକ୍ଷିତ ଅଛନ୍ତି। ଫ୍ଲୋରିଡାର ପଶ୍ଚିମ ପାଲମ ବିଚ୍‌ରେ ଥିବା ଗଲ୍ଫ କୋର୍ସରେ ଟ୍ରମ୍ପ ଗଲ୍ଫ ଖେଳୁଥିଲେ। ଏହି ସମୟରେ ତାଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ରବିବାର ରାତି ପ୍ରାୟ ୨ଟାରେ ଏହି ଘଟଣା ଘଟିଥିଲା । ଏହାର ଜବାବରେ ସିକ୍ରେଟ ସର୍ଭିସ ସଦସ୍ୟ ପାଲଟା ଗୁଳିଚାଳନା କରିଥିଲେ। ଗିରଫ ସନ୍ଦିଗ୍ଧ ଜଣକ ୫୮ ବର୍ଷୀୟ ରିୟାନ ରାଉଥ ଜଣେ ଡେମୋକ୍ରାଟ ସମର୍ଥକ। ଆମେରିକାର ଫେଡେରାଲ ନିର୍ବାଚନ ଆୟୋଗର ରେକର୍ଡ ଅନୁଯାୟୀ, ସେ ୨୦୧୯ ପରଠାରୁ ୧୪୦ ଡଲାରୁ ଅଧିକ ୧୯ ଥର ଦାନ କରିଛନ୍ତି। ଅଭିଯୁକ୍ତ ହାୱାଇର ପୂର୍ବତନ ପ୍ରତିନିଧି ତୁଲସୀ ଗାବାର୍ଡଙ୍କୁ ମଧ୍ୟ ଦାନ କରିଛନ୍ତି ।ମିଡିଆ ରିପୋର୍ଟ ଅନୁଯାୟୀ, ରାଉଥ ଉତ୍ତର କାରୋଲିନା କୃଷି ଏବଂ ବୈଷୟିକ ରାଜ୍ୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ଏହି ନିର୍ବାଚନରେ ସେ ବିବେକ ରାମାସ୍ୱାମୀ ଏବଂ ଭାରତୀୟ ମୂଳ ନିକ୍କି ହେଲିଙ୍କୁ ମଧ୍ୟ ସମର୍ଥନ କରୁଥିଲେ। ତେବେ ପରେ ଉଭୟ

## ଚୀନରେ ତାଣ୍ଡବ ରଚୁଛି ବେବିଙ୍କା

ବେଜିଂ, ୧୬।୯: ଘୂର୍ଣ୍ଣିଝଡ଼ ବେବିଙ୍କା ସୋମବାର ସାଂଘାଇରେ ଲ୍ୟାଣ୍ଡଫଲ କରିଛି। ସାଂଘାଇ ସେଣ୍ଟ୍ରାଲ ମେଟେରୋଲୋଜିକାଲ ଅବଜରଭେଟୋରୀ ଅନୁଯାୟୀ ସ୍ଥାନୀୟ ସମୟ ପ୍ରାୟ ୭ଟା ୩୦ ସମୟରେ ଏହି ଝଡ଼ ସହରରେ ପହଞ୍ଚିଥିଲା। ସିହୁଆ ନ୍ୟୁଜ ଏଜେନ୍ସିର ରିପୋର୍ଟ ଅନୁଯାୟୀ ଏହି ଝଡ଼ ପୁଡଙ୍ଗ ଜିଲାର ଲିଙ୍ଗଙ୍ଗ ଅଞ୍ଚଳ ଉପକୂଳରେ ପହଞ୍ଚିଛି। ଝଡ଼ର କେନ୍ଦ୍ର ନିକଟରେ ସର୍ବାଧିକ ପବନର ବେଗ ପ୍ରତି ସେକେଣ୍ଡରେ ୪୨ ମିଟରରେ ପହଞ୍ଚିଛି। ୭୫ ବର୍ଷରେ ସାଂଘାଇରେ ବେବିଙ୍କା ସବୁଠାରୁ



ଶକ୍ତିଶାଳୀ ଟାଇଫୁନ ବୋଲି ବିଶ୍ୱାସ କରାଯାଏ। ରାଜ୍ୟ ବନ୍ୟା ନିୟନ୍ତ୍ରଣ ଏବଂ ମରୁଡ଼ି ସହାୟତା ମୁଖ୍ୟାଳୟ ରବିବାର ଚାଇନାର ପୂର୍ବ ଅନ୍‌ହୁଇ ପ୍ରଦେଶ ପାଇଁ ଲେଭଲ-୪ ଜରୁରୀକାଳୀନ ସଙ୍କେତ ଦେଇଥିବାବେଳେ ସାଂଘାଇ ଏବଂ ଜେଜିଆଙ୍ଗରେ ଲେଭଲ-୩ ଜରୁରୀକାଳୀନ ସଙ୍କେତ ଦେଇଛି। ସାଂଘାଇ, ଜିଆଙ୍ଗସୁ, ଜେଜିଆଙ୍ଗ ଏବଂ ଅନ୍‌ହୁଇ ପ୍ରଦେଶରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଚାଇନାର ଜଳ ସମ୍ପଦ ମନ୍ତ୍ରଣାଳୟ ଏକ ଲେଭଲ-୪ ଜରୁରୀକାଳୀନ ପ୍ରତିକ୍ରିୟା ଜାରି କରିଛି। ମନ୍ତ୍ରଣାଳୟ ଶନିବାର କହିଛି ଯେ ଚାଇନାର ଦକ୍ଷିଣ-ପୂର୍ବ ଅଞ୍ଚଳରେ ଟାଇଫୁନ ବେବିଙ୍କା ପ୍ରଭାବରେ ପ୍ରବଳ ବର୍ଷା ହୋଇପାରେ ଏବଂ ଏହି ଅଞ୍ଚଳର କେତେକ ମଧ୍ୟମ ଏବଂ ଛୋଟ ନଦୀର ଜଳ ସ୍ତର ବିପଦ ସଙ୍କେତ ସ୍ତରରୁ ଅଧିକ ହୋଇପାରେ। ପ୍ରଭାବିତ ଅଞ୍ଚଳରେ ବନ୍ୟା ମୁକାବିଲା କରିବାକୁ ମନ୍ତ୍ରଣାଳୟ ଗୁରୁତ୍ୱାରୋପ କରିଛି। ବନ୍ୟା ନିୟନ୍ତ୍ରଣ ପାଇଁ ଚାଇନାରେ ଏକ ଚାରି ସ୍ତରୀୟ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ରହିଛି, ଯେଉଁଥିରେ ଲେଭଲ-୧ ସବୁଠାରୁ ଭୟଙ୍କର ଅଟେ।

### ଜାମ୍ମୁ କାଶ୍ମୀରରେ ଗର୍ଜିଲେ ଶାହା

# ଆତଙ୍କବାଦକୁ ପାତାଳରେ କବର ଦେବୁ



ଶ୍ରୀନଗର, ୧୬।୯: ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ୨୦୨୪ ପାଇଁ ଅଭିଯାନ ଚରମ ସୀମାରେ ରହିଛି। ନିର୍ବାଚନ ପୂର୍ବରୁ ରାଜନେତାମାନେ ପରସ୍ପର ଉପରେ ଆରୋପ-ପ୍ରତ୍ୟାରୋପ କରି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ଏହି କ୍ରମରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୋମବାର ରାଜ୍ୟର କିସ୍ତୱାଡରେ ଏକ ନିର୍ବାଚନ ରାଲିରେ ସମ୍ବୋଧିତ କରିଛନ୍ତି। ଏହି ସମୟରେ ସେ ବିରୋଧୀ ଦଳକୁ ଟାର୍ଗେଟ କରିଥିଲେ। ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଶାହା କନଫରେନ୍ସ ଏବଂ କଂଗ୍ରେସକୁ ସମାଲୋଚନା କରିଛନ୍ତି। ଜାମ୍ମୁ କାଶ୍ମୀରରେ ସେମାନେ କ୍ଷମତାକୁ ଆସିପାରିବେ ନାହିଁ । ରାଜ୍ୟରେ ଆତଙ୍କବାଦ ବୃଦ୍ଧି ପାଇଁ ପୁଣି ଥରେ ଉଦ୍ୟମ କରାଯାଉଛି କିନ୍ତୁ ଭାଜପା ସରକାର ଏହାକୁ ଭୂମିରେ ପୋତି ଦେବେ। ଆତଙ୍କବାଦ ପ୍ରସଙ୍ଗରେ ଶାହା କହିଛନ୍ତି, କଂଗ୍ରେସ ଏବଂ ଏହାର ନେତା ରାହୁଲ ଗାନ୍ଧୀ ଜାମ୍ମୁ କାଶ୍ମୀରକୁ ପୁଣି ଆତଙ୍କବାଦ ଆଡକୁ ଠେଲିବାକୁ ଚାହୁଁଛନ୍ତି। ଯଦି କଂଗ୍ରେସ ଏବଂ ଏନସି ସରକାର ଆସନ୍ତି ତେବେ ଆମେ ଛାଡିବୁ ନାହିଁ। ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛି। ଆତଙ୍କବାଦକୁ ପାତାଳରେ କବର ଦେବୁ। ଆତଙ୍କବାଦକୁ ଏପରି ସ୍ତରରେ ପୋତିଦେବାକୁ ନିଷ୍ପତ୍ତି ନେଇଛୁ ଯେ, ଯେଉଁଠୁ ଏହା ଆଉ ଫେରିପାରିବ ନାହିଁ। ଏଥର ଜାମ୍ମୁ କାଶ୍ମୀରରେ ଅବଦୁଲ୍ଲା ସରକାର କିମ୍ବା ରାହୁଲ ଗାନ୍ଧୀଙ୍କ ସରକାର ଗଠନ ହେଉନାହିଁ। ଏଥର ଏଠାରେ ଭାଜପା ନେତୃତ୍ୱାଧୀନ ସରକାର ଗଠନ ହେବ ବୋଲି ଶାହା କହିଛନ୍ତି। ଜନତାଙ୍କୁ ନିବେଦନ କରି ଶାହା କହିଛନ୍ତି ଭାଜପା ସରକାର ଗଠନ କରିବାରେ ସାହାଯ୍ୟ କର, ଆମେ ଆତଙ୍କବାଦକୁ ମୂଳୋତ୍ପାଟନ କରିବୁ। ଉପତ୍ୟକାରେ ତିନି ପରିବାରର ଶାସନକୁ ସମାପ୍ତ କରି ପ୍ରଧାନମନ୍ତ୍ରି ମୋଦି ପଞ୍ଚାୟତ ରାଜକୁ ମଜଭୁତ କରିଛନ୍ତି ଏବଂ ଧାରା ୩୭୦ ବର୍ତ୍ତମାନ ଇତିହାସର ବିଷୟ ହୋଇଛି, ଏହା ଆଉ ଫେରିବ ନାହିଁ।

## ଜମ୍ମୁ ଓ କଶ୍ମୀର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଜାରି କଲା ଇସ୍ତାହାର




ଶ୍ରୀନଗର, ୧୬।୯ : ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଇସ୍ତାହାର ଜାରି କରିଛି କଂଗ୍ରେସ। କ୍ଷମତାକୁ ଆସିବାର ୧୦୦ ଦିନ ମଧ୍ୟରେ ଏକ ସଂଖ୍ୟାଲଘୁ କମିସନ ଗଠନ ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି । ଭୂମିହୀନ କୃଷକମାନଙ୍କୁ ମାସିକ ୪୦୦୦ ଟଙ୍କାର ସହାୟତା ଦିଆଯିବ । ଏହି ଅବସରରେ ଜାମ୍ମୁ-କାଶ୍ମୀର କଂଗ୍ରେସ ସଭାପତି ତାରିକ୍ ହମିଦ କରରା ଏବଂ ବରିଷ୍ଠ କଂଗ୍ରେସ ନେତା ପୱନ ଖେରାଙ୍କ ସମେତ ଜାମ୍ମୁ-କାଶ୍ମୀରର ନେତାମାନେ ମଧ୍ୟ ଥିଲେ। ତାରିକ୍ ହମିଦ କରରା କହିଛନ୍ତି ଯେ କଂଗ୍ରେସ ଦଳର ଏହି ଇସ୍ତାହାର ଲୋକଙ୍କ ଦାବି ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ତାରିକ୍ ହମିଦ କରରା କହିଛନ୍ତି, ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ଯେ କଂଗ୍ରେସ ଦଳର ଏହି ଇସ୍ତାହାର ପ୍ରକୃତରେ ଲୋକଙ୍କ ଇସ୍ତାହାର। ୨୨ଟି ଜିଲ୍ଲାର କମିଟି ଜରିଆରେ ଆମେ ସମାଜର ବିଭିନ୍ନ ବର୍ଗଙ୍କ ସହ ଯୋଗାଯୋଗ କରି ମତାମତ ସଂଗ୍ରହ କରିଥିଲୁ ଏବଂ ଏହି ମୂଲ୍ୟବାନ ତଥ୍ୟକୁ ଏହି ଦସ୍ତାବିଜରେ ଅନ୍ତର୍ଭୁକ୍ତ କରିଥିଲୁ। ଆମେ ଗର୍ବର ସହ ଏହାକୁ ଏକ ଜନଇସ୍ତାହାର ବୋଲି କହିଥାଉ। ପୱନ ଖେରା କହିଛନ୍ତି, ଗତ ୧୦ ବର୍ଷ ଧରି କାଶ୍ମୀରର ସ୍ଥିତି କଶ୍ମୀରର ହୃଦୟକୁ କ୍ଷତରେ ଭରି ଦେଇଛି। କିନ୍ତୁ ଏବେ ସେହି କ୍ଷତରେ ବାମ ଲଗାଇବାର ସମୟ ଆସିଛି। ଜାମ୍ମୁ-କାଶ୍ମୀରରେ ଏକ ଲମ୍ବା ରାତି ଶେଷ ହେବାକୁ ଯାଉଛି ଏବଂ ସକାଳ ହେବାକୁ ଯାଉଛି

# ଲାଇସେନ୍ସପ୍ରାପ୍ତ ଦୋକାନରେ ନକଲି ମଦ, ଧରିଲା ଅବକାରୀ ବିଭାଗ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରରେ ନକଲି ମଦ କାରବାର ବଢିଛି । ଚୋରା ନୁହେଁ ବରଂ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଏଭଳି ନକଲି ମଦ କାରବାର ହେଉଥିବା ବେଳେ ଅବକାରୀ ବିଭାଗ ଚଢାଉ କରିଛି । ଚଢାଉ ବେଳେ ଶହଶହ ବୋତଲ ମଦକୁ ଜେସିବି ସାହାର୍ଯ୍ୟରେ ଭାଙ୍ଗି ଗୁଣ୍ଡ କରିଦେଇଛି । ଏହି ଘଟଣାରେ ମଦ୍ୟପମାନଙ୍କ ମଧ୍ୟ ଛନକା ପଶିଯାଇଛି । ସୂଚନା ଅନୁସାରେ, ବରମୁଣ୍ଡାରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଦୀର୍ଘ ଦିନ ଧରି ନକଲି ମଦ ବିକ୍ରି ହେଉଥିଲା । ଏ ସଂପର୍କରେ ଅଭିଯୋଗ ପାଇବା ପରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଆଜି ଅଚାନକ ସେହି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଚଢ଼ଉ କରିଥିଲା । ଚଢ଼ଉ ସମୟରେ ବିପୁଳ ପରିମାଣର ନକଲି ମଦ ଥିବା ଦେଖିବାକୁ ମିଳିଥିଲା । ଯେଉଁଥିରେ ରହିଛି ଦେଶୀ-ବିଦେଶୀ ହାଇଫାଇ ମଦ ଓ ବିଭିନ୍ନ ବ୍ରାଣ୍ଡର ବିଅର । ଅଭିଯୋଗ ଅନୁସାରେ ନାମୀଦାମୀ ମଦ ବୋତଲର ଲେବୁଲ୍ ଓ ଠିପି ଖୋଲାଯାଇ ସେଥିରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ମିଶ୍ରଣ କରାଯାଉଥିଲା । ଆଉ ତା'ପରେ ତାକୁ ଉଚ୍ଚା ଦରରେ ବିକ୍ରି କରାଯାଉଥିଲା । ମଦୁଆମାନେ ନକଲି ଜାଣିନପାରି ଢକ ଢକ କରି ପିଇ ଯାଉଥିଲେ । ଅବକାରୀ ବିଭାଗ ସେହି ମଦ ଦୋକାନକୁ ଆଜି ସିଲ୍ କରିଛି । ଏଥିସହ ମଦ ଦୋକାନରେ ଥିବା ସବୁ ମଦକୁ ଯାଂଚ କରାଯାଉଛି । ନକଲି ମଦକୁ ଡୋଜର ମଡ଼ାଇ ଭଙ୍ଗା ଯାଉଛି । ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କା ମଦ ଭଙ୍ଗା ଯାଇଥିବା ଅନୁମାନ କରାଯାଉଛି । ହେଲେ ମଦ ଦୋକାନ ମାଲିକ ଫେରାର ହୋଇଯାଇଛି । ମଦ ଦୋକାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଅବକାରୀ କମିଶନର ନରସିଂହ ଭୋଳ ଘଟଣା ସ୍ଥଳରେ ପହଂଚିଥିଲେ । ସେ କହିଛନ୍ତି, ଅସଲି ମଦ ପାଇବା ପାଇଁ ଗ୍ରାହକଟିଏ ସରକାରୀ ମଦ ଦୋକାନକୁ ଆସିଥାଏ । ଯାହାକୁ ପିଇଲେ ଶରୀର ପ୍ରତି ବିଶେଷ କିଛି ହାନୀକାରକ ହେବନାହିଁ । ଯଦି ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଡୁପ୍ଲିକେଟ୍ ମଦ ବିକ୍ରି ହୁଏ, ତାହାହେଲେ ତାକୁ ଆମେ ସହ୍ୟ କରିପାରିବୁ ନାହିଁ । ତା' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ସେହି ଦୋକାନରେ ଥିବା ଅସଲି ମଦ ସମେତ ନକଲି ମଦକୁ ନଷ୍ଟ କରିବୁ । ନୂଆ ଆଇନ୍ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ । ସେମାନେ ଯେମିତି ଜେଲ୍ ଦଣ୍ଡ ଭୋଗିବେ, ସେହି ଦିଗରେ ପଦକ୍ଷେପ ନିଆଯିବ । ତାଙ୍କର ରାଇସେନ୍ସ ରଦ୍ଦ ପାଇଁ ବ୍ୟବସ୍ଥା କରିବୁ ବୋଲି ଭୋଳ କହିଛନ୍ତି । ସେ କହିଛନ୍ତି, ଆଗାମୀ ଦିନରେ ସବୁ ଲାଇସେନ୍ସପ୍ରାପ୍ତ ଦୋକାନରେ ଯାଂଚକୁ କଡ଼ାକଡ଼ି କରାଯିବ । ଏଥିସହ ଅଚାନକ ଚଢ଼ଉ କରାଯିବ । ଯେଉଁମାନେ ନକଲି ମଦ ବିକ୍ରି କରୁଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଭୋଳ କହିଛନ୍ତି ।

## ଚାନ୍ଦା ମାଗି ଦୁଇ ଯୁବକ ଗିରଫ



କଳିଙ୍ଗନଗର(ନିପ୍ର): କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରଘାଟି ଫେଜ-୨ରେ ଠିକାଦାରଙ୍କୁ ଚାନ୍ଦା ମାଗି ଦୁଇ ଯୁବକଙ୍କୁ ଜେଲ୍ ଯିବାକୁ ପଡିଛି । ସୂଚନା ମୁତାବକ ଗୋବର ଘାଟି ଫେଜ-୨ରେ ସରେନ ପିଙ୍ଗୁଆ ନାମକ ଜଣେ ଠିକାଦାର ଏକ ଡ୍ରେନ କାମ କେରୁଥିଲେ । ଠିକାଦାରଙ୍କୁ ସେହି ଗ୍ରାମର ସୁରେନ୍ଦ୍ର ଲାଗୁରିଙ୍କ ପୁଅ ମଙ୍ଗଳ ସିଂ ଲାଗୁରି (୨୫) ଓ ରାମ ଜାମୁଦାଙ୍କ ପୁଅ ପାଣ୍ଡବ ଜାମୁଦା ଠିକାଦାରଙ୍କୁ ୧ ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ । ହେଲେ ଠିକାଦାର ଟଙ୍କା ନ ଦେବାରୁ ତାଙ୍କ ଘରେ ପଶି ଠିକାଦାରଙ୍କୁ ବାଡିଆପିଟା କରିଥିଲେ । ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ମିଳିବା ପରେ ଥାନା ନିରୀକ୍ଷକ ପ୍ରକାଶ କୁମାର ସାହୁ ଏକ ମାମଲା ରୁଜୁ କରି ଆସାମୀ ଦ୍ୱୟଙ୍କୁ ସୋମବାର ଗିରଫ କରିବା ସହିତ ତଦନ୍ତ ଜାରି ରଖିଛନ୍ତି ।

## କୃଷ୍ଣପ୍ରସାଦ ବ୍ଲକରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଶନ ଶକ୍ତି, ମହିଳା ଶିଶୁ ବିକାଶ ଓ ପଞ୍ଚାୟତିରାଜ ବିଭାଗ ମିଳିତ ସହଯୋଗରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସଚେତନତା ଓ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡ଼ିଓ ଅମିୟ କୁମାର ପଣ୍ଡା, ସିଡ଼ିପିଓ ଶର୍ମିଷ୍ଠା ଚକ୍ରବର୍ତ୍ତୀ, ସାମାଜିକ କର୍ମୀ ବିଜୟ କୁମାର ତରେଇ, ବ୍ଲକ ମଙ୍ଗଳ ଅଧିକାରୀ ପ୍ରତ୍ୟୁଷ ରଥ, ସିପି ପ୍ରଭାତ କୁମାର ଜେନା, ମିଶନ ଶକ୍ତି ଆକାଉଟାଣ୍ଟ ଅମିତାଭ ବିଶ୍ୱାଳ, ବିପିଏମ ଉମାକାନ୍ତ ମିଶ୍ର, ଶିବ ନାରାୟଣ ଭୋଇ, ମମତା ପିଏ ବବିତା ଜେନା, ସୁପରଭାଇଜର ଦୀପ୍ତି ରାଣୀ ଦଣ୍ଡପାଟ, ଲିନା ମହାପାତ୍ର ପ୍ରମୁଖ ଯୋଗ ଦେଇ ସୁଭଦ୍ରା ଯୋଜନାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ୫ ବର୍ଷରେ ୫୦ ହଜାର ଟଙ୍କା ଓ ବର୍ଷକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏହି ଅର୍ଥରେ ମହିଳାମାନେ ସ୍ୱାବଲମ୍ବୀ କରିବାକୁ ପରାମର୍ଶ ଦେବା ସହ ଦସ୍ତଖତ ଅଭିଯାନ କରିଥିଲେ । କୃଷ୍ଣପ୍ରସାଦ ବ୍ଲକର ୨୧ ଗୋଟି ପଞ୍ଚାୟତ ଓ ରାଜସ୍ୱ ଗ୍ରାମଗୁଡ଼ିକରେ ପଞ୍ଚାୟତ ସ୍ତରୀୟ ମହିଳା ସଂଗଠନ ଗୁଡ଼ିକର କର୍ମକର୍ତ୍ତା, ଆଶା, ସାମାଜିକ କର୍ମୀମାନେ ପଦଯାତ୍ରା କରି ସଶକ୍ତ ଓଡ଼ିଶା ଗଠନରେ ସୁଭଦ୍ରା ଯୋଜନା ମହିଳା ମାନଙ୍କର ଆର୍ଥିକ ଉନ୍ନତିରେ ସାହାୟକ ହେବ ବୋଲି ବୁଝାଇଥିଲେ ।

## ବେପରୁଆ ଗାଡ଼ିଚାଳନା, ୫ ଜଣଙ୍କୁ ବାନ୍ଧିଲା ପୋଲିସ୍



ଭୁବନେଶ୍ୱର(ନିପ୍ର): ରାଜଧାନୀର ଜନପଥରେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ମନ ଇଚ୍ଛା ବେପରୁଆ ଗାଡି ଚାଳନା କରିଥିବା ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ । ଘଟଣାରେ ମୋଟ ୫ ଜଣ ଗିରଫ ହୋଇଥିବାବେଳେ ୨ଟି ଗାଡି ଜବତ କରିଛି କମିଶନରେଟ୍ ପୋଲିସ୍ । ଏଥିସହ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ୪ଟି କାରରେ ବେପରୁଆ ଡ୍ରାଇଭିଂ କରିବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା । ଗାଡିକୁ ରାସ୍ତାରେ ସଠିକ୍ ଭାବେ ନଚଳାଇ ରାସ୍ତା ଏପାଖରୁ ସେପାଖକୁ ନେଇଥିଲା ଡ୍ରାଇଭର । ଏଥିସହ କିଛି ଯୁବକ ଚଳନ୍ତା ଗାଡିରୁ ବାହାରକୁ ମୁଣ୍ଡ ବାହାର କରି ଜୋରରେ ଚିତ୍କାର କରୁଥିଲେ । ସତ୍ୟନଗର ବିଏମସି ଅଫିସ ସମ୍ମୁଖରୁ ରୂପାଲି ଛକ ମଧ୍ୟରେ ଏପରି କାରନାମାର ସଂପୂର୍ଣ୍ଣ ଦୃଶ୍ୟକୁ ଜଣେ ବ୍ୟକ୍ତି ରେକର୍ଡ କରି ସୋସିଆଲ ମିଡିଆରେ ଅପଲୋଡ କରିଥିଲେ । ଏହି ଦୃଶ୍ୟ ଭାଇରାଲ୍ ହେବା ପରେ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପରତା ପ୍ରକାଶ କରାଯାଇଥିଲା । ଗାଡି ନମ୍ବରକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଂଚିବାରେ ସକ୍ଷମ ହୋଇଥିଲା ।

## ସୁନା ଦୋକାନୀ ମାଲିକଙ୍କୁ ଗୁଳିକରି ଦୁର୍ବୃତ୍ତ ଫେରାର

### ପୋଲିସର ଛାନଭିନ ଆରମ୍ଭ



କାକଟପୁର(ନିପ୍ର): କାକଟପୁର ଥାନା ଅଧିନସ୍ଥ କୁଣ୍ଢେଇହାଟ ତିନି ଛକି ବଜାରରେ ଥିବା ସାହୁ ଜୁଏଲାରୀର ସତ୍ତ୍ୱାଧୀକାରୀ ନିରଞ୍ଜନ ସାହୁ ଦୋକାନରେ ବସିଥିବାବେଳେ ହଠାତ କୋଣାର୍କ ପଟୁ ୨ଜଣ ଯୁବକ ଏକ ନମ୍ବର ବିହୀନ ହୋଣ୍ଡା ସାଇନ ମୋଟରସାଇକେଲ ଆସି ମୁଁହରେ ମାସ୍କ ପିନ୍ଧି ଦୋକାନ ଭିତରକୁ ପଶିଥିଲେ । ଦୋକାନ ମାଲିକ ଶ୍ରୀ ସାହୁ ତାଙ୍କୁ ପଚାରିବାରେ ସେ ହଠାତ ଅଣ୍ଟାରୁ ଏକ ବନ୍ଧୁକ ବାହାର କରି ୨ ରାଉଣ୍ଡ ଫାଇରିଙ୍ଗ କରିଥିଲେ । ଶ୍ରୀ ସାହୁ କିଛି ବୁଝି ନପାରି ବୁଲି ପଡିବା ବେଳକୁ ଗୋଟିଏ ଗୁଳି ତାଙ୍କ କଙ୍କାଳ ଦେଇ ବାହାରି ଯାଇଥିବା ବେଳେ ଆଉ ଏକ ଗୁଳି ତାଙ୍କର କଙ୍କାଳରେ ରହିଥିବା କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରକାଶ କରିଛନ୍ତି । ଦୋକାନୀ ଶ୍ରୀ ସାହୁ ଉପସ୍ଥିତ ବୁଦ୍ଧି ଖଟାଇ ତାଙ୍କ ଦୋକାନରେ ଥିବା ନାଇଟ୍ରିକ ଏସିଡ ଦୁର୍ବୃତ୍ତମାନଙ୍କୁ ଫୋପାଡ଼ିବାରେ ସେମାନେ ତାଙ୍କର ନମ୍ବର ବିହୀନ ବାଇକ ଛାଡି ଏକ ୱାଗନଆର କାରରେ କୋଣାର୍କ ଅଭିମୁଖେ ଫେରାର ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ଶ୍ରୀ ସାହୁଙ୍କୁ ନିକଟସ୍ଥ ଦୋକାନୀ ମାନେ ନିକଟସ୍ଥ କାକଟପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବାବେଳେ କାକଟପୁର ମେଡିକାଲର ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଏ ସଂକ୍ରାନ୍ତରେ କାକଟପୁର ପୋଲିସ ଖବର ପାଇ ବିଭିନ୍ନ ଛକ ଯାଗାରେ ଛାନଭିନ କରି ଅଧିକ ତଦନ୍ତ ଚଳାଇଥିବା କାକଟପୁର ଥାନା ଆଇଆଇସି ବିଜୟ କେତନ ବେହେରା ପ୍ରକାଶ କରିଛନ୍ତି ।

## ବସ୍ ଦୁର୍ଘଟଣାରେ ମହିଳା ମୃତ

ଭାପୁର(ନିପ୍ର): ଫତେଗଡ ଥାନା ଗୋଳାପୋଖରୀ ପଞ୍ଚାୟତ ଅନ୍ତର୍ଗତ କରଡାପଲ୍ଲି ଗ୍ରାମରେ ସୋମବାର ସକାଳୁ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ସେହି ଗ୍ରାମର ଧୁସା ବେହେରାଙ୍କ ସ୍ତ୍ରୀ ହୁଲ୍ଲାସ ବେହେରା (୫୦) ଭୁବନେଶ୍ୱର ଯିବା ପାଇଁ ଗାଁ ଛକରେ ଛିଡା ହୋଇଥିବାବେଳେ ଭାପୁର ବାଇପାସ୍ ରାସ୍ତା ପଟୁ ଯାଉଥିବା କୁମାର ନାମକ ଏକ ଘରୋଇ ବସ୍ (ଓଡ଼ି-୨୫- ଏନ-୦୪୧୫) ତାଙ୍କୁ ଧକ୍କା ଦେଇଥିଲା । ପରେ ଚାଳକ ଜଣଙ୍କ କଟକ ଜିଲ୍ଲା ଧଳାପଥର ଫାଣ୍ଡିରେ ବସ୍ ସହିତ ଆତ୍ମସମର୍ପଣ କରିଥିଲା । ଧଳାପଥର ପୋଲିସ ଚାଳକ ସହିତ ବସ୍‌କୁ ଜବତ କରିବା ପରେ ଫତେଗଡ ଥାନାକୁ ଖବର ଦେଇଥିଲେ । ଥାନା କର୍ମଚାରୀଙ୍କ ସହିତ ଭାପୁର ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ କୁମାର ପରିଡ଼ା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଦୁର୍ଘଟଣାରେ ଶିକାର ହୋଇଥିବା ମହିଳା ମୃତ୍ୟୁବରଣ କରିବା ସହିତ ଉତ୍ତ୍ୟକ୍ତ ଜନତା ରାସ୍ତାରୋକ କରିଥିଲେ । ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡ଼ା ପଠାଇଥିବା ଥାନା ସୂତ୍ରରୁ ପ୍ରକାଶ ।

**କଟକରେ ଉଡ଼ିଲା ଫ୍ରି ପାଲେଷ୍ଟାଇନର ପ୍ଲାକାର୍ଡ଼ ଏବଂ ପତାକା !**

## ପୋଲିସ କହିଲା ଆକ୍ସନ ହେବ



କଟକ: କଟକରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ତଥା ଇଦ୍-ଏ-ମିଲାଦୁନ-ନବୀ ପାଳିତ ହୋଇଯାଇଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଯେଉଁଥିରେ ଫ୍ରି ପାଲେଷ୍ଟାଇନ ପ୍ଲାକାର୍ଡ଼ ଏବଂ ପତାକା ଉଡୁଥିବାର ଅଭିଯୋଗ ହୋଇଛି । ମହମ୍ମଦ ଜୟନ୍ତୀ ଅବସରରେ କଟକର ବିଭିନ୍ନ କମିଟି ତରଫରୁ ବଡ଼ ବଡ଼ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବାର ପରମ୍ପରା ରହିଛି । ସୋମବାର ସହରର ବିଭିନ୍ନ ମୋହଲା କମିଟି ତରଫରୁ ଏହିଭଳି ଶୋଭାଯାତ୍ରା ବାହାର କରାଯାଇ ସହର ପରିକ୍ରମା ସମୟରେ ଭାରତୀର ଜାତୀୟ ପତାକା ସହ ପାଲେଷ୍ଟାଇନର ବିଶାଳ ଜାତୀୟ ପତାକା ଉଡୁଥିବାର ଅଭିଯୋଗ ହୋଇଛି । ଏଥିସହ ଶୋଭାଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁଙ୍କ ହାତରେ ଫ୍ରି ପାଲେଷ୍ଟାଇନ ଓ ପ୍ରେ ଫର ପାଲେଷ୍ଟାଇନ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ଼ ଦେଖିବାକୁ ମିଳିଥିଲା ବୋଲି ଅଭିଯୋଗ ହୋଇଛି । ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ପାଲେଷ୍ଟାଇନ ବିବାଦ ଚରମ ସୀମାରେ ଥିଲାବେଳେ ବୈଦେଶିକ ନୀତି ଦୃଷ୍ଟିରୁ ଭାରତ କୌଣସି ପକ୍ଷଭୁକ୍ତ ନହୋଇ ଏହି ବିବାଦ ଠାରୁ ଦୂରେଇ ରହିଛି । ଏଭଳି ସମ୍ବେଦନଶୀଳ ସ୍ଥିତିରେ ଇଦ୍-ଏ-ମିଲାଦୁନ-ନବୀ ଶୋଭାଯାତ୍ରାରେ ପାଲେଷ୍ଟାଇନ ସପକ୍ଷରେ କଟକରେ ଏଭଳି ପ୍ରଦର୍ଶନ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଥିଲା । ପୋଲିସ ଘଟଣାରେ ହସ୍ତକ୍ଷେପ କରି ଉଭୟ ପାଲେଷ୍ଟାଇନ ପତାକା ଓ ପାଲେଷ୍ଟାଇନ ସମର୍ଥନରେ ଥିବା ପ୍ଲାକାର୍ଡ଼ଗୁଡ଼ିକୁ ଜବତ କରିଥିବା ଜଣାପଡ଼ିଛି ।

# ଭାରତର ଖାଦ୍ୟ ପ୍ରସଂସ୍କରଣ କ୍ଷେତ୍ରର ବିସ୍ତାରିତ କ୍ଷେତ୍ର

ଭାରତ ଅଧୁନା ବିଶ୍ୱର ସବୁଠାରୁ ବଡ଼ ଏବଂ ସବୁଠାରୁ ଦ୍ରୁତ ବର୍ଦ୍ଧମାନ ଅର୍ଥବ୍ୟବସ୍ଥାଗୁଡ଼ିକ ମଧ୍ୟରୁ ଅନ୍ୟତମ ହେବାର ସୌଭାଗ୍ୟ ଅର୍ଜନ କରିଛି ଏବଂ ଏହାର ଖାଦ୍ୟ ପ୍ରସଂସ୍କରଣ ଉଦ୍ୟୋଗ ଆର୍ଥିକ ପ୍ରଗତିକୁ ଗତି ପ୍ରଦାନ କରିବା ସହିତ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଭାରତ ସରକାର ବିଭିନ୍ନ ବ୍ୟାବହାରିକ କାର୍ଯ୍ୟକ୍ରମ ସହିତ ସଂସ୍କାର ମଧ୍ୟ ଏକ ନୂତନ ଯୁଗର ଶୁଭାରମ୍ଭ କରିଛି ଯେଉଁଥିରେ ଭାରତ କ୍ଷୀପ୍ର ଗତିର ବିକାଶ ମାର୍ଗରେ ପହଞ୍ଚ ପାରିଛି । ଦେଶ କେବଳ ଆର୍ଥିକ ଦୃଷ୍ଟିକୋଣରୁ ଅଭୂତପୂର୍ବ ପ୍ରଗତି ଏବଂ ବିକାଶର ସାକ୍ଷୀ ରୂପେ ଉଭା ହୋଇନାହିଁ, ଅପରନ୍ତୁ ଏକ ଜୀବନ୍ତ ଏବଂ ବିବିଧତାପୂର୍ଣ୍ଣ ଅର୍ଥବ୍ୟବସ୍ଥା ଦ୍ୱାରା ସଞ୍ଚାଳିତ ବୈଶ୍ୱିକ ଶକ୍ତି ଭାବରେ ମଧ୍ୟ ମୁଣ୍ଡ ଟେକିଛି ।

ଭାରତ ସରକାରଙ୍କ ପ୍ରଗତିଶୀଳ ନୀତିଗତ ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମ କାରଣରୁ ଖାଦ୍ୟ ପ୍ରସଂସ୍କରଣ କ୍ଷେତ୍ରରେ କେବଳ ବର୍ଷ ବର୍ଷ ଧରି ଉଲ୍ଲେଖନୀୟ ଉପଲବ୍ଧି ପ୍ରଦର୍ଶନ କରିନାହିଁ ଏବଂ ଉତ୍ପାଦନର ସକଳ ମୂଲ୍ୟ ବର୍ଦ୍ଧିତ (ଜିବିଏ)ରେ ୭.୬୬ ପ୍ରତିଶତ ଏବଂ ଆର୍ଥିକ ବର୍ଷ ୨୦୨୨-୨୩ ଅବସରରେ କୃଷି କ୍ଷେତ୍ରର ଜିବିଏରେ ୮.୪୫ ପ୍ରତିଶତ ଯୋଗଦାନ ମଧ୍ୟ ପ୍ରଦାନ କରିଛି ।

ସମୃଦ୍ଧ ଏବଂ ବିବିଧତାପୂର୍ଣ୍ଣ କୃଷିଗତ ସଂସାଧନ ଦୃଷ୍ଟିରୁ ଭାରତ ବୈଶ୍ୱିକ ସ୍ତରରେ ଖାଦ୍ୟ ଉତ୍ପାଦନ ପ୍ରସଙ୍ଗରେ ଏକ ମହତ୍ତ୍ୱପୂର୍ଣ୍ଣ ଶକ୍ତି ଭାବରେ ନିଜକୁ ଉପସ୍ଥାପିତ କରିଛି । ଦୁଗ୍ଧ, ପୋଷକ ଖାଦ୍ୟଶସ୍ୟ, ଖାଦ୍ୟାନ୍ନ, ଫଳ, ସବୁଜ ପନିପରିବା, ଚା' ଏବଂ ମାଛ ଭଳି ଅନେକ ଖାଦ୍ୟ ସାମଗ୍ରୀର ସବୁଠାରୁ ବଡ଼ ଉତ୍ପାଦକ ହେବା ଦୃଷ୍ଟିରୁ ଦେଶ ନିଜର ସୁଦୃଢ଼ ଖାଦ୍ୟ ପ୍ରସଂସ୍କରଣ ଆଧାର ପ୍ରସ୍ତୁତ କରିଛି । ଆର୍ଥିକ ବର୍ଷ ୨୦୨୩- ୨୪ରେ ଭାରତର କୃଷି-ଖାଦ୍ୟ ରପ୍ତାନି ପରିମାଣ ବୃଦ୍ଧି ପାଇ ୪୬.୪ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି ଯାହା ଏହି କ୍ଷେତ୍ରର ତୀବ୍ର ପ୍ରଗତିକୁ ଦର୍ଶାଉଛି ଏବଂ ଏହାର ବର୍ଦ୍ଧିତ ବୈଶ୍ୱିକ ପ୍ରଭାବକୁ ମଧ୍ୟ ପ୍ରତିପାଦିତ କରୁଛି । ଦେଶରୁ ବାହାରକୁ ହେଉଥିବା ମୋଟ କୃଷି – ଖାଦ୍ୟ ରପ୍ତାନି ପରିମାଣରେ ପ୍ରସଂସ୍କୃତ ଖାଦ୍ୟ ପଦାର୍ଥରୁ ବୃଦ୍ଧି ପାଇ ୨୦୨୩-୨୪ରେ ୧୦.୮୮ ବିଲିୟନ ଆମେରିକୀୟ ଡଲାର ହୋଇଛି । ନବାଚାର, ନିବେଶ ଏବଂ ଅନ୍ତଃରାଷ୍ଟ୍ରୀୟ ସହଯୋଗର ସମୁଚିତ ମିଶ୍ରଣ ସହିତ ଏହି କ୍ଷେତ୍ର ନିଜର କ୍ଷମତାର ସମ୍ପୂର୍ଣ୍ଣ ଉପଯୋଗ କରିପାରିଛି ଏବଂ ଦେଶର ଆର୍ଥିକ ବିକାଶରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେବା ନିମନ୍ତେ ନିଜକୁ ପ୍ରସ୍ତୁତ କରୁଛି ।

ଭାରତର ଖାଦ୍ୟ ପ୍ରସଂସ୍କରଣ କ୍ଷେତ୍ରରେ ଥିବା ଅପାର ସମ୍ଭାବନା ଏବଂ ବିବିଧତାପୂର୍ଣ୍ଣ ଅବସର ଉପଲବ୍ଧ ରହିଛି ଯାହାକି ଏହାର ପ୍ରତ୍ୟେକ ଉପ-କ୍ଷେତ୍ରରର ବିକାଶ ନିମନ୍ତେ ଅପାର ସମ୍ଭାବନା ପ୍ରଦାନ କରୁଛି । ପ୍ରାଦ୍ୟୋଗିକୀର ଆଗମନ ଏହି ଉଦ୍ୟୋଗରେ ଅଧିକ ବିପ୍ଳବ ଆଣିପାରିଛି ଯେଉଁଥିରେ ଖାଦ୍ୟ ସୁରକ୍ଷା, ପ୍ୟାକେଜିଂ, ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳାର ପ୍ରବନ୍ଧନରେ ଅଭୂତପୂର୍ବ ପ୍ରଗତି ଆଣି ପହଞ୍ଚାଇଛି । ଇ-କମର୍ସରେ ଆସିଥିବା ଉନ୍ନତି ଏବଂ ଉପଭୁକ୍ତି ନିମନ୍ତେ ପ୍ରସ୍ତୁତ ('ରେଡି ଟୁ ଇଟ୍) ତଥା ସୁବିଧାଜନକ ଖାଦ୍ୟ ପଦାର୍ଥମାନଙ୍କର ବର୍ଦ୍ଧିତ ଚାହିଦା ଏହି କ୍ଷେତ୍ରର ବିକାଶ ପାଇଁ ନୂଆ ନୂଆ ମାର୍ଗ ଉନ୍ମୋଚନ କରିଛି । ସେଥି ନିମନ୍ତେ ଏହି କ୍ଷେତ୍ର ନିବେଶକ ତଥା ଉଦ୍ୟୋଗୀମାନଙ୍କ ପାଇଁ ନୂଆ ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।

ଖାଦ୍ୟ ପ୍ରସଂସ୍କରଣ କ୍ଷେତ୍ରର ସାମଗ୍ରିକ ବିକାଶକୁ ସହାୟତା ଯୋଗାଇ ଦିଆଯାଉଥିବା କାରଣରୁ, ଖାଦ୍ୟ ପ୍ରସଂସ୍କରଣ ଉଦ୍ୟୋଗ ମନ୍ତ୍ରଣାଳୟ (ଏମଓଏଫପିଆଇ) ଏହିଭଳି ଅନେକ ଯୋଜନା ଏବଂ କାର୍ଯ୍ୟକ୍ରମର ପ୍ରବର୍ତ୍ତନ କରିଛନ୍ତି ଯାହା ପରିବର୍ତ୍ତନ ଘଟାଇବା ଏବଂ ଏକ ମଜଭୁତ



**ଶ୍ରୀମତୀ ଅନୀତା ପ୍ରବୀଣ**

**ସଚିବ, ଖାଦ୍ୟ ପ୍ରସଂସ୍କରଣ ଉଦ୍ୟୋଗ ମନ୍ତ୍ରଣାଳୟ**

ଇକୋସିଷ୍ଟମ୍‌କୁ ପ୍ରୋତ୍ସାହନ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ଇକୋସିଷ୍ଟମ୍ ସୂକ୍ଷ୍ମ, ଲଘୁ, ମଧ୍ୟମ ଏବଂ ବୃହତ୍ ଉଦ୍ୟୋଗମାନଙ୍କୁ ନବସୃଜନ, ନିବେଶ ଏବଂ ସମାଯୋଜନକୁ ପ୍ରୋତ୍ସାହିତ କରିଆସୁଛି । ପ୍ରଧାନମନ୍ତ୍ରୀ କିଷାନ ସମ୍ପଦା ଯୋଜନା (ପିଏମକେଏସୱାଇ) ନାମକ ପ୍ରମୁଖ ଯୋଜନା ଫଳରେ କୃଷିକ୍ଷେତଠାରୁ ନେଇ ଆଉଟଲେଟ୍ ପର୍ଯ୍ୟନ୍ତ ସକ୍ରିୟ ତଥା କୁଶଳ ବଣ୍ଟନ ଶୃଙ୍ଖଳାର ପ୍ରବନ୍ଧନ କରିବା ସହିତ ଆଧୁନିକ ଭିତ୍ତିଭୂମି ଢାଞ୍ଚାର ବିକାଶରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

ଏହିସବୁ ପ୍ରୟାସଗୁଡ଼ିକ ଫଳରେ କେବଳ ଫସଲକଟା ପରବର୍ତ୍ତୀ ସମୟରେ ହେଉଥିବା କ୍ଷତିକୁ ହ୍ରାସ କରାଯାଇ ପାରିନାହିଁ ଅପର ପକ୍ଷେ, ରପ୍ତାନି କ୍ଷମତାରେ ସୁଦ୍ଧା ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିପାରିଛି । ଏହା ବ୍ୟତୀତ ଉତ୍ପାଦନ ସହିତ ସମ୍ପର୍କିତ ପ୍ରୋତ୍ସାହନ ଯୋଜନା (ପିଏଲଆଇଏମ) ଭାରତର ଖାଦ୍ୟ ପ୍ରସଂସ୍କରଣ ଉଦ୍ୟୋଗର ବିକାଶ ଏବଂ ପ୍ରତିସ୍ପର୍ଦ୍ଧାତ୍ମକତାକୁ ବୃଦ୍ଧି କରିବା ଦିଗରେ ଏକ ପ୍ରମୁଖ ପ୍ରୟାସ । ମନ୍ତ୍ରଣାଳୟ ଦେଶରେ ସୂକ୍ଷ୍ମ ଖାଦ୍ୟ ପ୍ରସଂସ୍କରଣ ଉଦ୍ୟମଗୁଡ଼ିକର ସ୍ଥାପନା/ ଉନ୍ନତିକରଣ ନିମନ୍ତେ ଆର୍ଥିକ, ପ୍ରଯୁକ୍ତିଗତ ତଥା ବ୍ୟାବସାୟିକ ସହାୟତା ଯୋଗାଇ ଦିଆଯାଉଥିବା କାରଣରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରସଂସ୍କରଣ ଉଦ୍ୟମମାନଙ୍କ ଔପଚାରିକୀକରଣ ଯୋଜନା (ପିଏମଏଫଏମଇ)କୁ ମଧ୍ୟ କାର୍ଯ୍ୟକାରୀ କରିଛନ୍ତି ।

**'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ': ବୈଶ୍ୱିକ ସ୍ତରରେ 'ଫୁଡ୍ ବାସ୍କେଟ' ଭାବରେ ଭାରତ ମୁଣ୍ଡ ଟେକୁଛି**

ଖାଦ୍ୟ ପ୍ରସଂସ୍କରଣ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ପରିକଳ୍ପିତ 'ୱାର୍ଲ୍ଡ ଫୁଡ୍ ଇଣ୍ଡିଆ'କୁ ବୈଶ୍ୱିକ ସ୍ତରରେ ଏକ ଖାଦ୍ୟ ପ୍ରସଂସ୍କରଣ କେନ୍ଦ୍ର ଭାବରେ ଉଭା କରିବା ଦିଗରେ ଭାରତର ପ୍ରତିବଦ୍ଧତାକୁ ପ୍ରମାଣସିଦ୍ଧ କରିଛି । ଏହି ବାର୍ଷିକ ଉତ୍ସବ ଏକ ଏଭଳି ବୈଶ୍ୱିକ ମଞ୍ଚ ଭାବରେ କାର୍ଯ୍ୟ କରୁଛି,ଯାହା ଖାଦ୍ୟ ମୂଲ୍ୟ ଶୃଙ୍ଖଳାର ବିଭିନ୍ନ କ୍ଷେତ୍ରରେ ସମ୍ବନ୍ଧିତ ହିତଧାରକମାନଙ୍କୁ ନିଜ ସାଥିରେ ଗ୍ରହଣ କରିପାରିଛି । ପାରସ୍ପରିକ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ ଫଳରେ ଏ ସମ୍ପର୍କିତ ଜ୍ଞାନ ମଧ୍ୟ ଉପଯୁକ୍ତ ଭାବରେ ବଣ୍ଟନ ହୋଇପାରୁଛି ଏବଂ ସେହି ପ୍ରକ୍ରିୟାକୁ ସରକାର ପ୍ରୋତ୍ସାହନ ଯୋଗାଉଛନ୍ତି । ଏହିସବୁ କାର୍ଯ୍ୟକ୍ରମ ଭାରତକୁ ବୈଶ୍ୱିକ ଖାଦ୍ୟ ପ୍ରସଂସ୍କରଣ କ୍ଷେତ୍ରରେ ଏକ ପେଣ୍ଠସ୍ଥଳୀ ରୂପେ ଉଭା କରିବା ଲକ୍ଷ୍ୟ ହାସଲ କରିବା ଦିଗରେ ଏହାକୁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ମିଳିପାରୁଛି । ଏହି ବହୁ-ପ୍ରତୀକ୍ଷିତ କାର୍ଯ୍ୟକ୍ରମ ୨୦୨୪ ମସିହା ସେପ୍ଟେମ୍ବର ୧୯ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଆୟୋଜନ କରାଯାଉଛି । ପୂର୍ବବର୍ତ୍ତୀ ସଂସ୍କରଣମାନଙ୍କର ସଫଳତାକୁ ଆଗକୁ ବଢ଼ାଇ ନେବା ସହିତ, ଚଳିତ ବର୍ଷ କରାଯାଉଥିବା ଆୟୋଜନର ଲକ୍ଷ୍ୟ ଅପେକ୍ଷାକୃତ ଅଧିକ ବଡ଼ ଏବଂ ପ୍ରଭାବଶାଳୀ କାର୍ଯ୍ୟକ୍ରମର ସଂଚାଳନ କରୁଛି ଯାହା ନେଟୱାର୍କିଂ ଏବଂ ସହଯୋଗକୁ ଅଦ୍ୱିତୀୟ ଅବସର ପ୍ରଦାନ କରେ । ମନ୍ତ୍ରଣାଳୟ ପକ୍ଷରୁ ବୈଶ୍ୱିକ ନିବେଶକ, ବ୍ୟାବସାୟିକ ଜଗତର ଅଗ୍ରଣୀ ହସ୍ତୀମାନେ, ଖାଦ୍ୟ ପ୍ରସଂସ୍କରଣ କମ୍ପାନୀଗଣ, ରପ୍ତାନିକାରୀ, ଆମଦାନୀକାରୀ, ନବନ୍ୱେଷକ ତଥା ସରକାରୀ ପ୍ରତିନିଧିମାନଙ୍କୁ ଏହି ପ୍ରତିଷ୍ଠିତ କାର୍ଯ୍ୟକ୍ରମରେ ସାମିଲ କରାଯିବା ଏବଂ ଭାରତର ବିଶାା ଖାଦ୍ୟ ବଜାର ତଥା ଆର୍ଥିକ ଅବସରମାନଙ୍କରୁ ଲାଭ ଉଠାଇବା ନିମନ୍ତେ ଆମନ୍ତ୍ରିତ କରୁଛି ।

ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୪ରେ ପେଟ୍ ଫୁଡ୍, ଏଚଓଆରଇସିଏ (ହୋଟେଲ୍, ରେଷ୍ଟୋରାଁ ଏବଂ କେଟରିଂ) ଏବଂ ଫସଲ କଟା ପରବର୍ତ୍ତୀ (ପୋଷ୍ଟ ହାର୍ଭେଷ୍ଟ୍) ଉପଯୋଗରେ ଭବିଷ୍ୟତର ଯନ୍ତ୍ରପାତି ସହିତ କେତେକ ନୂତନ କ୍ଷେତ୍ରକୁ ସମର୍ପିତ ବିଶେଷ ଖଣ୍ଡ ସାମିଲ ହୋଇପାରିବ ।ଏହି ନୂତନ ସମାବେଶ ଖାଦ୍ୟ ଉଦ୍ୟୋଗ କ୍ଷେତ୍ରରେ ମୁଣ୍ଡ ଟେକୁଥିବା ପରିଦୃଶ୍ୟକୁ ପ୍ରଦର୍ଶନ କରିବା ସହିତ ବିବିଧ କିଷମର ନିବେଶ ଓ ନବାଚାରକୁ ଆକର୍ଷିତ କରିବା ହେଉଛି ଏହାର ଉଦ୍ଦେଶ୍ୟ । ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍ୟୋଗ ଜଗତର ହିତଧାରକାମାନଙ୍କ ମଧ୍ୟରେ ଜ୍ଞାନ ଓ ଅନୁଭୂତି ବିନିମୟ କରିବା ଏବଂ ସହଯୋଗର ସୁବିଧା ନିମନ୍ତେ ଡିଜାଇନ୍ ପ୍ରସ୍ତୁତ କରାଯିବ । ସେଥିପାଇଁ ବିବିଧ ଡିଜାଇନ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ପ୍ରସଙ୍ଗଗତ ଅଧିବେଶନ ଶୃଙ୍ଖଳାର ଆୟୋଜନ କରାଯିବ । ସେଥି ମଧ୍ୟରେ ମୁଖ୍ୟ ପ୍ରସଙ୍ଗମାନ ରହିବ ଆବଶ୍ୟକ ପ୍ୟାକେଜିଂ ପ୍ରାଦ୍ୟୋଗିକ ସଂସ୍ଥାମାନଙ୍କ ମଧ୍ୟରେ ସହଯୋଗ, ଖାଦ୍ୟହାନିକୁ ନ୍ୟୂନତମ କରିବା, ମୂଲ୍ୟକୁ ଅଧିକତମ କରିବା, ଖାଦ୍ୟ ସାମଗ୍ରୀ ଏବଂ ବ୍ୟାପାର ପ୍ରସଙ୍ଗରେ ବୈପ୍ଳବିକ ପରିବର୍ତ୍ତନ ଆଣିବା । ଏହି ଅଧିବେଶନରେ ବିଶେଷଜ୍ଞମାନଙ୍କ ଦ୍ୱାରା ସମସ୍ୟାଗୁଡ଼ିକର ସମାଧାନ କରାଯିବାଏବଂ ସର୍ବୋତ୍ତମ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମତ ଆଦାନପ୍ରଦାନ ତଥା ପୋଷଣୀୟ ବିକାଶ ନିମନ୍ତେ ଉପଯୁକ୍ତ ରଣନୀତିର ସନ୍ଧାନ କରିବା ନିମନ୍ତେ ଏକ ମଞ୍ଚର ସୁଯୋଗ ଯୋଗାଇବ । ଏହାକୁ ସମାନାନ୍ତର, 'ରିଭର୍ସ ୱେର୍ ସେଲର ମିଟ୍' ଆନ୍ତର୍ଜାତୀୟ କ୍ରେତା ତଥା ଭାରତୀୟ ବିକ୍ରେତାମାନଙ୍କ ମଧ୍ୟରେ ସିଧାସଳଖ କଥାବାର୍ତ୍ତାକୁ ସମ୍ଭବପର କରାଇବ । ଏଥି ସହିତ ବଜାର ପର୍ଯ୍ୟନ୍ତ ଖାଦ୍ୟସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥାକୁ ସୁଲଭ କରିବା ତଥା ନୂଆ ନୂଆ ସହଯୋଗିତାକୁ ପ୍ରୋତ୍ସାହିତ କରିବା ।

ଉପରୋକ୍ତ ପ୍ରସଙ୍ଗମାନଙ୍କ ବ୍ୟତୀତ, ଭାରତୀୟ ଖାଦ୍ୟ ସଂରକ୍ଷଣ ଏବଂ ମାନକ ପ୍ରାଧିକରଣ ଦ୍ୱାରା ଆୟୋଜିତ ବୈଶ୍ୱିକ ଖାଦ୍ୟ ନିୟାମକ ଶିଖର ସମ୍ମିଳନୀର ଆୟୋଜନ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ସହିତ କରାଯାଉଛି । ଏହି ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ହେଲା ଖାଦ୍ୟ ସୁରକ୍ଷା, ଗୁଣବତ୍ତା ଏବଂ ନବାଚାର ସହିତ ସମ୍ବନ୍ଧିତ ମହତ୍ତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ ହେତୁ ବୈଶ୍ୱିକ ଖାଦ୍ୟ ନିୟାମକମାନଙ୍କ ମଧ୍ୟରେ ନିରନ୍ତର କଥାବାର୍ତ୍ତା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା ।

ଖାଦ୍ୟ ପ୍ରସଂସ୍କରଣ ଉଦ୍ୟୋଗ ମନ୍ତ୍ରଣାଳୟ ଏଭଳି ଏକ ଜୀବନ୍ତ ଏବଂ ସୁଦୃଢ଼ ଖାଦ୍ୟ ପ୍ରସଂସ୍କରଣ କ୍ଷେତ୍ରକୁ ସମ୍ପ୍ରସାରିତ କରିବା ନିମନ୍ତେ ପ୍ରତିବଦ୍ଧ ଯାହା କେବଳ ଭାରତର ଆର୍ଥିକ ସମୃଦ୍ଧିରେ ଯୋଗଦାନ ଦେବନାହିଁ, ଅପରପକ୍ଷେ ଦେଶର ସାଧାରଣ ଜନତାଙ୍କ କଲ୍ୟାଣକୁ ମଧ୍ୟ ସୁନିଶ୍ଚିତ କରିବ । ଏଥି ସହିତ ଆମେ ଏଭଳି ଏକ ଭବିଷ୍ୟତର ନିର୍ମାଣ କରିପାରିବା, ଯେଉଁଠାରେ ବିକଶିତ ଭାରତର ଆଶା, ଆକାଙ୍କ୍ଷା ଏବଂ ଏକ ଆତ୍ମନିର୍ଭର ରାଷ୍ଟ୍ରର ସ୍ୱପ୍ନକୁ ସାକର କରିବାକୁ ମଧ୍ୟ ଦେଶ ସକ୍ଷମ ହୋଇପାରିବ । ଏହା ବ୍ୟତୀତ ଭାରତ ଖାଦ୍ୟ ପ୍ରସଂସ୍କରଣ କ୍ଷେତ୍ରରେ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର ଭାବରେ ନିଜକୁ ଉପସ୍ଥାପିତ କରିପାରିବ । **(ପିଆଇବି)**

# ଫାଇନାଲରେ ଅପରାଜେୟ ଭାରତୀୟ ହକି ଟିମ୍



**ନୂଆଦିଲ୍ଲୀ, ୧୬/୯ :** ଚାଇନାରେ ଚାଲିଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତୀୟ ପୁରୁଷ ହକି ଟିମ। ସୋମବାର ସେମି ଫାଇନାଲରେ ଦଳ କୋରିଆକୁ ୪-୧ରେ ପରାସ୍ତ କରି ୬ଷ୍ଠ ଥର ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଦଳ ମୁକାବିଲା ଆୟୋଜକ ଚାଇନା ସହ ହେବ। ଚାଇନା ପ୍ରଥମଥର ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲକୁ ଯାଇଥିବା ବେଳେ ଭାରତ ତା'ର ୫ମ ଟାଇଟଲ ପାଇଁ ଲଢ଼େଇ କରିବ। ଭାରତ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଏଯାଏ ଗୋଟିଏ ହେଲେ ମ୍ୟାଚ ହାରି ନାହିଁ। ଗ୍ରୁପ ପର୍ଯ୍ୟାୟରେ ଦଳ ଚାଇନା ବିପକ୍ଷ ବିଜୟରୁ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଜାପାନ, ମାଲେସିୟା, କୋରିଆ ଓ ପାକିସ୍ତାନକୁ ଦଳ ମାତ ଦେଇଥିଲା। ଏବେ ପୁଣି ଫାଇନାଲ ତଥା ଶେଷ ମ୍ୟାଚ୍‌ରେ ଦଳ ଚାଇନାକୁ ଭେଟିବାକୁ ଯାଉଛି। ପ୍ରଥମ ସେମି ଫାଇନାଲରେ ଚାଇନା ବେଶ ଅପ୍ରତ୍ୟାଶିତ ଢଙ୍ଗରେ ୩ ଥର ଏସିଆନ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ପାକିସ୍ତାନକୁ ଶୁଟ ଆଉଟରେ ହରାଇ ଫାଇନାଲ ଟିକେଟ ହାତେଇ ଥିଲା। ପ୍ରଥମେ ମ୍ୟାଚ୍ ୧-୧ରେ ଡ୍ର ରହିବାରୁ ଶୁଟ ଆଉଟ ହୋଇଥିଲା। ଏଥିରେ ଚାଇନା ୨-୦ରେ ପାକିସ୍ତାନକୁ ହରାଇ ଦେଇଥିଲା। ଦ୍ୱିତୀୟ ସେମିରେ ଭାରତର ମୁକାବିଲା କୋରିଆ ସହ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଟିମ ତା'ର ଦବଦବା ଦେଖାଇଥିଲା। ମ୍ୟାଚ୍‌ର ୧୩ତମ ମିନିଟରେ ଭାରତ ପାଇଁ ଉତ୍ତମ ସିଂହ ପ୍ରଥମ ଫିଲ୍ଡ ଗୋଲ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଧିନାୟକ ହରମନପ୍ରୀତ ସିଂହ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଭାରତକୁ ୨-୦ରେ ଆଗୁଆ କରି ଦେଇଥିଲେ। ତୃତୀୟ କ୍ୱାର୍ଟରେ ଭାରତ ଉପରେ କୋରିଆ ଚାପ ପକାଇବାକୁ ଚେଷ୍ଟା କରିଥିଲା। ହେଲେ ଜରମନପ୍ରୀତ ୩୨ତମ ମିନିଟରେ ଚମତ୍କାର ଫିଲ୍ଡ ଗୋଲ କରି ସ୍ଥିତି ୩-୦ କରି ଦେଇଥିଲେ। ଏହାର ଗୋଟିଏ ମିନିଟ ପରେ କୋରିଆରକୁ ଗୋଲ କରିବାର ସୁଯୋଗ ମିଳିଥିଲା। ଦଳକୁ ୩୩ତମ ମିନିଟରେ ମିଳିଥିବା ପିସିକୁ ୱାଙ୍ଗ ଜିହୁନ ଗୋଲରେ ପରିଣତ କରି କମବ୍ୟାକର ଆଶା ସୃଷ୍ଟି କରିଥିଲେ। କୋରିଆ ମଧ୍ୟ ଘନଘନ ଆକ୍ରମଣ କରିଥିଲା। ହେଲେ ତୃତୀୟ କ୍ୱାର୍ଟରର ଶେଷ ସେକେଣ୍ଡରେ ଘଟିଥିଲା ଆଶ୍ଚର୍ଯ୍ୟଜନକ ଘଟଣା। କୋରିଆର ଗୋଲ କିପର ଭାରତର ଏରିଏଲ ପାସ୍‌କୁ ରୋକିବା ପାଇଁ ଚେଷ୍ଟା କରି ଡି' ଭିତରୁ ବାହାରି ଯାଇଥିଲେ। ତେଣୁ ତାଙ୍କୁ ୟେଲୋ କାର୍ଡ ମିଳିବା ସହ ଭାରତକୁ ପିସି ମିଳିଥିଲା। ଏହାକୁ ହରମନପ୍ରୀତ ସିଂହ ଗୋଲରେ ପରିଣତ କରି ଭାରତର ଲିଡକୁ ୪-୧ କରି ଦେଇଥିଲେ। ୪ର୍ଥ ତଥା ଶେଷ କ୍ୱାର୍ଟରରେ କୋରିଆ ଘନଘନ ଆକ୍ରମଣ କରିଥିଲା। ଦଳକୁ ଏକାଧିକ ପିସି ମଧ୍ୟ ମିଳିଥିଲା। ହେଲେ ଭାରତୀୟ ଡିଫେନ୍ସ କୋରିଆର ସବୁ ଉଦ୍ୟମକୁ ପଣ୍ଡ କରି ଦେଇଥିଲେ। ଶେଷରେ ଭାରତ ମ୍ୟାଚ୍‌କୁ ୪-୧ରେ ଜିତି ୬ଷ୍ଠ ଥର ପାଇଁ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରିଥିବା ଜରମନପ୍ରୀତ ସିଂହଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

## ରେଳ ଲାଇନ୍‌ରେ କଟି ୨୧ ବର୍ଷୀୟ ଯୁବକଙ୍କ ମୃତ

**ରେଢ଼ାଖୋଲ, ୧୬/୯(ନିପ୍ର):** ରେଢ଼ାଖୋଲ ସମ୍ବଲପୁର ରେଳ ଲାଇନ୍ ପୁଡାବଣ୍ଡା ଓଭର୍ ବ୍ରିଜ ତଳ ରେଳ ଲାଇନ୍‌ରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି ରେଢ଼ାଖୋଲ ରେଳବାଇ ପୋଲିସ୍ । ମୃତ ଯୁବକ ଜଣଙ୍କ ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତ ଅଧୀନ କାଦବାହାଳ ଗ୍ରାମର ଯୁବକ ରଞ୍ଜନ ମିର୍ଦ୍ଧା(୨୧) । ଘଟଣାରୁ ଜଣାପଡିଛି ଯେ ଉକ୍ତ ଯୁବକ ଜଣକ କୌଣସି କାରଣରୁ ଟ୍ରେନ୍ ଲାଇନ୍‌ରେ କଟି ଆତ୍ମହତ୍ୟା କରିଛନ୍ତି । ଘଟଣା ସ୍ଥଳରେ ତାଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡିଥିଲା। ପରେ ଖବର ପାଇ ପରିବାର ଲୋକେ ଆସି ଶବ ଚିହ୍ନଟ କରିଥିଲେ । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ରେଳବାଇ ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

## ୩ ଦିନ ଧରି ଷ୍ଟଲ ପ୍ରଦର୍ଶନୀ

**ଭଦ୍ରକ, ୧୬/୯(ନିପ୍ର):** ରାଜ୍ୟ ସରକାରଙ୍କ ଫଳପ୍ରସୂ ପଦକ୍ଷେପ ଏବଂ ପ୍ରଣୀତ ଯୋଜନା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ସୂଚନା-ଶିକ୍ଷା-ସଂଚାର କାର୍ଯ୍ୟକ୍ରମ ଆଧାରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସେପ୍ଟେମ୍ବର ୨୧ ତାରିଖରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଜନସମାବେଶ ଓ ବିକାଶ ମେଳା ଆୟୋଜନ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଏହି କାର୍ଯ୍ୟକ୍ରମର ରୂପରେଖ ନିର୍ଦ୍ଧାରଣ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉଚ୍ଚ ଶିକ୍ଷା, ଯୁବସେବା ଓ କ୍ରୀଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି । ଷ୍ଟଲ ପ୍ରଦର୍ଶନୀ, ସଂାସ୍କୃତିକ କାର୍ଯ୍ୟ୍ରକମ ସହ ଉଦ୍‌ଘାଟନୀ ଦିବସରେ ୫ହଜାରରୁ ଉର୍ଦ୍ଧ୍ୱ ଜନ ସମାଗମର କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି ।

## କର୍ମକ୍ଷେତ୍ରକୁ ଯାଉଥିବା ବେଳେ ଶ୍ରମିକ ମୃତ

**ଦାମନଯୋଡି,୧୬/୯(ନିପ୍ର):** ସୋମବାର ପବିତ୍ର ବିଶ୍ୱକର୍ମା ପୂଜାକୁ ନେଇ ଲୋକଙ୍କ ମନରେ ନାହିଁ ନଥିବା ଉତ୍ସାହ ଭରି ରହିଥିବା ବେଳେ ଗଲୋରି ପରିବାର ଉପରେ ଦୁଃଖର ବାଦଲ ଘେରି ଯାଇଛି । ଘଟଣାଟି ଘଟିଛି ଦାମନଯୋଡି ଥାନା ଅନ୍ତର୍ଗତ ଅଁଳାବାଡି କଲୋନିର ଚିତ୍ତ ଗଲୋରୀ ପରିବାରରେ । ଖବର ନେବାରେ ଜଣାପଡ଼ିଛି ଯେ, ଚିତ୍ତ ଗଲୋରୀ (୩୩), ପିତା ରତି ଗଲୋରୀ ପ୍ରତିଦିନ ଭଳି ସୋମବାର ସକାଳୁ ନିଜ କର୍ମକ୍ଷେତ୍ର ମାଇନ୍ସ କୁ ଯିବା ପାଇଁ ଘରୁ ବାହାରିଥିଲେ । ତେବେ ଘରଠାରୁ କିଛି ବାଟ ଯିବା ପରେ ହଠାତ୍ ରାସ୍ତା ଉପରେ ପଡ଼ିଯାଇଥିଲେ । ସେହି ରାସ୍ତାରେ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତି ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇ ତୁରନ୍ତ ନାଲକୋ ହସପିଟାଲକୁ ନେଇ ଯାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଫକିର ମୋହନଙ୍କ ଦେହାନ୍ତ



**କେନ୍ଦ୍ରାପଡା, ୧୬/୯(ନିପ୍ର):** କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ବରପୁତ୍ର ତଥା ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁ ଗ୍ରାମନିବାସୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଫକିର ମୋହନ ଦାସଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୩ ବର୍ଷ ବୟସ ହୋଇଥିଲା। କିଛିଦିନ ତଳେ ସେ ମୂତ୍ରାଶୟ ଜନିତ ରୋଗରେ ପୀଡିତ ଥାଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତେବେ ସୋମବାର ଅପରାହ୍ନରେ ଫକିରମୋହନ ହଠାତ୍ ଅସୁସ୍ଥ ହୋଇପଡିବାରୁ ପରିବାରଙ୍କ ପକ୍ଷରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା କ୍ଷଣି ଖାଲି ଡେରାବିଶ ଅଞ୍ଚଳ କାହିଁକି ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଠକେଇ ଘଟଣାରେ ଫେରାର ଯୁବକ ଗିରଫ

**ଭୁବନେଶ୍ୱର,୧୬।୯(ନିପ୍ର):** ଠକେଇ ଘଟଣାରେ ଫେରାର ଥିବା ଜଣେ ଯୁବକଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କ୍ୟାପିଟାଲ ଥାନା ଫରେଷ୍ଟପାର୍କ ନିକଟସ୍ଥ ପ୍ଲଟ ନମ୍ବର ୩୧ ରେ ରହୁଥିବା ଭାଗ୍ୟଧର ସାହୁ(୪୫) ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କ "ମେଘରାଜ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ" ନାମରେ ଏକ କନ୍ସଟ୍ରକସନ କମ୍ପାନୀ ଅଛି । ସୂଚିତ ଅଭିଯୁକ୍ତ ଭାଗ୍ୟଧର ସାହୁ ଏବଂ ତାଙ୍କର ଜଣେ ସହଯୋଗୀ ସନ୍ଦୀପ ହରିଚନ୍ଦନ ଅଭିଯୋଗକାରୀଙ୍କ ନିକଟରୁ ଅଟଳ ଅଞ୍ଚଳରେ ନିର୍ମାଣାଧୀନ ଅବସ୍ଥାରେ ଥିବା ୩ଟି ୟୁନିଟ କଣିଥିଲେ । ଉଭୟ ଅଭିଯୁକ୍ତ ସ୍ଥିରୀକୃତ ହୋଇଥିବା ମୂଲ୍ୟ ଅନୁଯାଇ ସମସ୍ତ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଅଭିଯୋଗକାରୀଙ୍କୁ ପ୍ରଦାନ କରିଥିଲେ । ନିର୍ମାଣ କାମ ସଂପୂର୍ଣ୍ଣ ହୋଇନଥିବାରୁ ଉଭୟ ଅଭିଯୁକ୍ତ ଅଭିଯୋଗକାରୀଙ୍କ ସହିତ ଏକ ଚୁକ୍ତି କରି ଅଭିଯୋଗକାରୀଙ୍କ ନିକଟରୁ କିଛି ଟଙ୍କା ଫେରସ୍ତ ନେଇଯାଇଥିଲେ । ଯାହାକି କାମ ସଂପୂର୍ଣ୍ଣ ହେବା ପରେ ସେ ଟଙ୍କାକୁ ସେମାନେ ଅଭିଯୋଗକାରୀଙ୍କୁ ଫେରାଇ ଦେବେ।

## ବୃଦ୍ଧଙ୍କୁ ଟାଣି ନେଲା କୁମ୍ଭୀର

**କେନ୍ଦ୍ରାପଡ଼ା,୧୬।୯(ନିପ୍ର):** କେନ୍ଦ୍ରାପଡା ଆଳିରେ ମଇଁଷି ସହ ପାନିଆ ଜୋର ପାର ହେବା ବେଳେ ଜଣେ ବୃଦ୍ଧଙ୍କୁ କୁମ୍ଭୀର ଟାଣି ନେଇଛି। ଦିନିଆରି ଗାଁ ନିକଟ ଜୋରରେ ଏହି ଘଟଣା ଘଟିବା ପରେ ଜିଲ୍ଲାରେ କୁମ୍ଭୀର ଆତଙ୍କ ଲୋକଙ୍କୁ ଚିନ୍ତାରେ ପକାଇଛି। ସୋମବାର ସକାଳେ ମଇଁଷି ଚରାଇବାକୁ ଯାଇଥିଲେ ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଅଜାମ୍ବର ନାୟକ(୫୮)। ସବୁ ଦିନ ପରି ସୋମବାର ସକାଳେ ସେ ନିଜ ମଇଁଷିଗୋଠକୁ ଚରାଇବାକୁ ଜୋର କୂଳକୁ ଯାଇଥିଲେ। ଗୋଠ ଉକ୍ତ ଜୋର ପାର ହୋଇ ଯାଇଥିବା ବେଳେ ସେମାନଙ୍କ ପଛେପଛେ ସେ ଯାଉଥିଲେ। ଏହି ସମୟରେ ଛକି ରହିଥିବା ଏକ କୁମ୍ଭୀର ତାଙ୍କୁ ଜୋର ଭିତରକୁ ଟାଣି ନେଇ ଉଭାନ ହୋଇଯାଇଥିଲା ବୋଲି କୁହାଯାଇଛି। ପରେ ପରିବାର ଲୋକେ ଓ ଗ୍ରାମବାସୀ ଜୋର ନିକଟରେ ପହଞ୍ଚିଥିଲେ। ଖବର ପାଇ ପରେ ଅଗ୍ନିଶମ କର୍ମଚାରୀ ଓ ଓଡ୍ରାଫ ଟିମ୍ ପହଞ୍ଚି ସେଠାରେ ଖୋଜାଖୋଜି ଆରମ୍ଭ କରିଥିଲେ। ଆଳି ଥାନା ଅଞ୍ଚଳରେ ବାରମ୍ବାର ଏପରି ଘଟଣା ଘଟୁଥିବା ବେଳେ ଅକାଳେ ନିରୀହ ଲୋକଙ୍କ ପ୍ରାଣହାନି ଘଟୁଛି। ଏହାସତ୍ତ୍ୱେ ବନ ବିଭାଗ ଚେତୁ ନ ଥିବା ସାଧାରଣରେ କୁହାଯାଇଛି।

## ବର୍ଷା ଆହୁରି ଦୁଇ ଦିନ

**ଭୁବନେଶ୍ୱର,୧୬।୯(ନିପ୍ର):** ଅବପାତ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ଆକଳନ ଅନୁସାରେ ଏହି ବର୍ଷା ଆହୁରି ଦୁଇ ଦିନ ଜାରି ରହିବ। ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏନେଇ ସୋମବାର ପାଇଁ ମୟୂରଭଞ୍ଜ ଜିଲାକୁ ରେଡ୍ ୱାର୍ଣିଂ ଜାରି କରାଯାଇଛି।ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, ବାଲେଶ୍ୱର ଓ କେନ୍ଦୁଝରକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ୧୧ ଜିଲା ପାଇଁ ୟେଲୋ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ନେଇ ଜିଲାପାଳଙ୍କୁ ସତର୍କ କରାଇଛନ୍ତି ଏସ୍‌ଆରସି ଦେଓରଞ୍ଜନ କୁମାର ସିଂ। ପ୍ରବଳ ବର୍ଷାରୁ ମାଟି ଘର ଭାଙ୍ଗିବା ସହ ତଳିଆ ଅଞ୍ଚଳରେ ପାଣି ଜମିପାରେ। କିଛି ସ୍ଥାନରେ ନଦୀରେ ଜଳପତ୍ତନ ବୃଦ୍ଧି ଘଟିବାର ଆଶଙ୍କା ପ୍ରକାଶ କରିଛନ୍ତି ଏସ୍‌ଆରସି।ସେପଟେ ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୬୮୫ମି.ମି. ବର୍ଷା ହୋଇଥିବା ବେଳେ ବାଲିଆପାଳ ବ୍ଲକରେ ସର୍ବାଧିକ ଓ ସିମୁଳିଆରେ ସର୍ବନିମ୍ନ ରେକର୍ଡ଼ ହୋଇଛି। ସେହିପରି ଜିଲାରେ ପ୍ରବାହିତ ଜଳକା ନଦୀରେ ବନ୍ୟା ଆଶଙ୍କା ଦେଖାଦେଇଥିବା ବେଳେ ସୁବର୍ଣ୍ଣରେଖା ଓ ବୁଢାବଳଙ୍ଗ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।






Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935 (Office), e.mail : dinalipinews@gmail.com.

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ